● ବର୍ଷ–୩୩ ● ସଂଖ୍ୟା–୨୩୦ ● ୧୯ ସେପ୍ଟେମ୍ବର ୨୦୨୬ ଶନିବାର
● ଭୁବନେଶ୍ୱର ● Vol -33 ● Issue-230
● 19th September 2026,
Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

e-paper www.sambadkalika.in

E-mail : sambadkalikanews@gmail.com

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika ™

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00


ସତ୍ୟମେଵ ଜୟତେ

## ବିକଶିତ ଭାରତର ସଂକଳ୍ପରେ
# ସହଭାଗୀ କରୁଥିବା ଯୁବଶକ୍ତି



### ସରକାରୀ ସେବା ମାଧ୍ୟମରେ ଯୁବପିଢ଼ିଙ୍କୁ
### ରାଷ୍ଟ୍ର ନିର୍ମାଣ ସହିତ ଯୋଡ଼ିବାର ପ୍ରୟାସ

# ରୋଜଗାର ମେଳା

ଦେଶର ୪୫ଟି ସ୍ଥାନରେ ସରକାରୀ ଚାକିରି ପାଇଁ
୫୧,୦୦୦ରୁ ଅଧିକ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

# ନରେନ୍ଦ୍ର ମୋଦି
## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା

ଭିଡିଓ କନଫରେନ୍ସିଂ ମାଧ୍ୟମରେ

ଶନିବାର, ୧୯, ସେପ୍ଟେମ୍ବର ୨୦୨୬   ଦିନ ୧୨:୩୦

CBC 15401/13/0004/2627

- ଭାରତ ସରକାର ଏବଂ ସହଯୋଗୀ ରାଜ୍ୟ ସରକାରଙ୍କ ଦ୍ୱାରା ମିଶନ ମୋଡରେ ଲକ୍ଷ ଲକ୍ଷ ପଦବୀରେ ନିଯୁକ୍ତି
- ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ୧୩ଟି ଆଞ୍ଚଳିକ ଭାଷାରେ ନିଯୁକ୍ତି ପରୀକ୍ଷାର ସୁବିଧା
- ପେପର ଲିକ୍ ବିରୁଦ୍ଧରେ ଆଉ ଅଧିକ କଠୋର ଆଇନ-ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା, ସମୟାନୁସାରେ ତଦନ୍ତ ଏବଂ ଶୁଣାଣୀ
- ୟୁପିଏସସିର ‘ପ୍ରତିଭା ସେତୁ’ ପୋର୍ଟାଲ୍ ମାଧ୍ୟମରେ ପ୍ରତିଭାବାନ ଯୁବକଯୁବତୀଙ୍କ ପାଇଁ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରଦାନ
- ୟୁପିଏସସି, ଏସଏସସି, ରେଳବାଇ ନିଯୁକ୍ତି ବୋର୍ଡ ଏବଂ ଆଇବିପିଏସ ଭଳି ପ୍ରମୁଖ ନିଯୁକ୍ତି ଏଜେନ୍ସି ଦ୍ୱାରା ପରିଚାଳିତ ପରୀକ୍ଷା
- ପାରଦର୍ଶୀ, ସମୟବଦ୍ଧ ଏବଂ ଯୋଗ୍ୟତା-ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଯୁବକଯୁବତୀଙ୍କ ସ୍ୱପ୍ନକୁ ନୂତନ ଉଡାଣ ପ୍ରଦାନ କରେ
- ପରୀକ୍ଷା ପ୍ରଣାଳୀକୁ ଆହୁରି ଅଧିକ ସୁଦୃଢ କରିବା ପାଇଁ ମୁଖମଣ୍ଡଳ ପ୍ରମାଣୀକରଣ ଏବଂ ଆଧାର-ଆଧାରିତ ଯାଞ୍ଚ କାର୍ଯ୍ୟକାରୀ ସିଷ୍ଟମ୍
- i-GOT କର୍ମଯୋଗୀ ପ୍ଲାଟଫର୍ମରେ ନବନିଯୁକ୍ତ କର୍ମଚାରୀଙ୍କ ପାଇଁ ‘କର୍ମଯୋଗୀ ପ୍ରାରମ୍ଭ’ ଅନଲାଇନ୍ ମଡ୍ୟୁଲ୍ ସମେତ ୬,୭୦୦ ରୁ ଅଧିକ ଇ-ଲର୍ଣ୍ଣିଂ ପାଠ୍ୟକ୍ରମ ପ୍ରଦାନ କରେ।

DD NEWS
କାର୍ଯ୍ୟକ୍ରମର ସିଧା ପ୍ରସାରଣ
ଡିଡି ନ୍ୟୁଜରେ ଦେଖନ୍ତୁ।

ପ୍ରଶିକ୍ଷଣ ବିଷୟରେ ଅଧିକ ସୂଚନା ପାଇଁ, https://portal.igotkarmayogi.gov.in ରେ କର୍ମଯୋଗୀ ମଡ୍ୟୁଲ୍ ୱେବସାଇଟ୍ ପରିଦର୍ଶନ କରନ୍ତୁ କିମ୍ବା କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ।





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ପୃଷ୍ଠା-୩

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ-୩୩ ● ସଂଖ୍ୟା-୨୩୦ ● ୧୯ ସେପ୍ଟେମ୍ବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-230 ● 19th September 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ସେମିକନ୍ ଇଣ୍ଡିଆ ୨୦୨୬

# ଓଡ଼ିଶାକୁ ମିଳିଲା ୨୩,୬୦୦ କୋଟିର ନିବେଶ ପ୍ରସ୍ତାବ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୯**

**ନ୍ୟୁଜ୍ ବ୍ୟୁରୋ**

ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି। ନୂଆଦିଲ୍ଲୀ ଠାରେ ଆୟୋଜିତ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। କଟକର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭ୍ୟାଲି' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।




ସୂଚନାଯୋଗ୍ୟଯେ, ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ନରାଜର ଭୌଗୋଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ । ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ।

ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭ୍ୟାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ୍‌କ୍ୱାଣ୍ଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନୂଆଦିଲ୍ଲୀରେ *(ପୃଷ୍ଠା ୭ରେ)*

# ମାମଲା ଫଇସଲା ପାଇଁ ହାଇକୋର୍ଟଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ଦେଇହେବ ନାହିଁ

**ନୂଆଦିଲ୍ଲୀ, ୧୮।୯**

ହାଇକୋର୍ଟ କିମ୍ବା ଜିଲ୍ଲା ଅଦାଲତରେ ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ସପକ୍ଷରେ ନାହାନ୍ତି ସୁପ୍ରିମକୋର୍ଟ। ହାଇକୋର୍ଟଗୁଡ଼ିକରେ ମାମଲାର ବୋଝ ଓ ପ୍ରତ୍ୟେକ ବିଚାରପତିଙ୍କ ଦୈନନ୍ଦିନ ତାଲିକାକୁ ବିଚାରକୁ ନେଇ ଏଭଳି ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି।

ବିଚାରପତି ବିଭି ନାଗରତ୍ନା ଓ ଏଜି ମସିହଙ୍କ ଖଣ୍ଡପୀଠ ଏକ ବୈବାହିକ ବିବାଦ ସମ୍ପର୍କିତ ମାମଲାର ଶୁଣାଣି ବେଳେ ଏହି ମତ ଦେଇଛନ୍ତି। ଆବେଦନକାରୀ ତାଙ୍କ ପାସ୍‌ପୋର୍ଟ ଫେରାଇବା ସହ ହାଇକୋର୍ଟରେ ଚାଲିଥିବା ମାମଲାର ଶୀଘ୍ର ଶୁଣାଣି ପାଇଁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କ ଓକିଲ ହାଇକୋର୍ଟଙ୍କୁ ଚାରି ସପ୍ତାହ ମଧ୍ୟରେ ମାମଲା ଫଇସଲା କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ତେବେ ବିଚାରପତି ନାଗରତ୍ନା ଏଭଳି ସମୟସୀମା ଧାର୍ଯ୍ୟ କରିବାକୁ ମନା କରିଦେଇଥିଲେ। ବିଚାରପତି ନାଗରତ୍ନା କହିଥିଲେ ଯେ ଜିଲ୍ଲା ବିଚାରପତିମାନଙ୍କୁ ମଧ୍ୟ ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଦେବାକୁ ସୁପ୍ରିମକୋର୍ଟ ପସନ୍ଦ କରନ୍ତି ନାହିଁ।



ଏହି ମାମଲାରେ ଆବେଦନକାରୀଙ୍କ ବୈବାହିକ ବିବାଦରୁ ଏକାଧିକ ଆଇନଗତ ପ୍ରକ୍ରିୟା ଚାଲିଥିବା ଓ ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିବା କୋର୍ଟଙ୍କୁ ଜଣାଯାଇଥିଲା। ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ଗିରଫ ହୋଇଥିବା ଏବଂ ପାସ୍‌ପୋର୍ଟ ଜବତ ହୋଇଥିବା ତାଙ୍କ ଓକିଲ କହିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବାରମ୍ବାର ଘୁଞ୍ଚାଇ ଶେଷରେ ଫେବୃଆରୀ ୨୦୨୭କୁ ଧାର୍ଯ୍ୟ କରିଥିଲେ। ତେବେ ସୁପ୍ରିମକୋର୍ଟ ମାମଲାର ଶୀଘ୍ର ଶୁଣାଣି ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟରେ ଆବେଦନ କରିବାର ସ୍ୱାଧୀନତା ଦେଇଛନ୍ତି। ଏଭଳି ଆବେଦନ ହେଲେ ମାମଲାର ପରିସ୍ଥିତି ଓ ଆବେଦନକାରୀ ଅନ୍ତରୀଣ ରିଲିଫ୍ ଚାହୁଁଥିବା କଥା ବିଚାରକୁ ନେଇ ହାଇକୋର୍ଟ ଶୁଣାଣି ଆଗୁଆ କରିବାକୁ ବିଚାର କରିବେ ବୋଲି ଖଣ୍ଡପୀଠ କହିଛନ୍ତି।

# ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ସଂଶୋଧିତ କାର୍ଯ୍ୟସୂଚୀ ଜାରି

**ଭୁବନେଶ୍ୱର, ୧୮।୯**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ମହାନଗର ନିଗମଗୁଡ଼ିକର ଆଗାମୀ ସାଧାରଣ ନିର୍ବାଚନ ପାଇଁ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି ।

ପୂର୍ବରୁ ବିଭାଗ ପକ୍ଷରୁ ଜାରି ହୋଇଥିବା କାର୍ଯ୍ୟସୂଚୀର ଆଂଶିକ ସଂଶୋଧନ କରାଯାଇ ଏହି ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ସମସ୍ତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୪ ସେପ୍ଟେମ୍ବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଖସଡ଼ା ବିଜ୍ଞପ୍ତି ପ୍ରକାଶ କରାଯାଇ ସାଧାରଣ ଜନତାଙ୍କଠାରୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯିବ। ଆପତ୍ତି ଓ ପରାମର୍ଶ ଦାଖଲ କରିବାର ଶେଷ ତାରିଖ ୩ ଅକ୍ଟୋବର ୨୦୨୬ ରହିଛି ।

# ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳ ଗିରଫ

**ଭୁବନେଶ୍ୱର, ୧୮।୯**

**ନ୍ୟୁଜ୍ ବ୍ୟୁରୋ**

ସହକର୍ମୀ ଯୁବତୀଙ୍କ ଅଭିଯୋଗ ଆଧାରରେ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳଙ୍କୁ ଖାରବେଳ ନଗର ଥାନା ପୁଲିସ ଗିରଫ କରିଛି। ଯୁବତୀ ଜଣକ ତାଙ୍କ ବିରୋଧରେ ଦୁଷ୍କର୍ମ, ଅପହରଣ ଓ ହତ୍ୟା ଅଭିଯୋଗ ଆଣିଥିବା ଜଣାପଡ଼ିଛି।

ଅଭିଯୋଗ ପରେ ପୁଲିସ ଯୁବତୀଙ୍କ ବୟାନ ରେକର୍ଡ କରିଥିଲା। ଏହାପରେ ଅରୁଣ ବିଶ୍ୱାଳଙ୍କୁ ଗିରଫ କରାଯାଇ ଡାକ୍ତରୀ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ଘଟଣା ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଗୁରୁବାର ରାତିରେ ଖାରବେଳନଗର ଥାନା ଅଞ୍ଚଳରେ ସୀମାସରହଦ ପାର କରିଯାଇଥିଲେ ଅରୁଣ। ସିଧା ପହଞ୍ଚିଥିଲେ ତାଙ୍କ ଅଧୀନରେ କାମ କରୁଥିବା ଜଣେ ମହିଳା କର୍ମଚାରୀଙ୍କ ଘର ଆଗରେ । ଆଉ ମନଇଚ୍ଛା କରିଥିଲେ ଗାଳିଗୁଲଜ। କଥା ଏତିକିରେ ସରିନଥିଲା, ମହିଳା କର୍ମଚାରୀଙ୍କ ଚରିତ୍ର ଉପରକୁ ଅଙ୍ଗୁଳି ଉଠାଇ ତାଙ୍କ ସହ ସମ୍ପର୍କ ଥିବା ଦାବି କରିଥିଲେ। ମୋବାଇଲର କିଛି ଫଟୋ ଦେଖାଇ ସର୍ବସାଧାରଣରେ ଇଜ୍ଜତର ଧଜ୍ଜିଆ



ଉଡ଼ାଇଥିଲେ। ଏପରିକି ଘଟଣାସ୍ଥଳରେ ଉପସ୍ଥିତ ପୋଲିସକୁ ବି ଖାତିର କରିନଥିଲେ। ପରେ ଅରୁଣଙ୍କୁ ଥାନାକୁ ଆଣିବା ସହିତ ସଂପୃକ୍ତ ମହିଳାଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ବାବୁଙ୍କ କଳାକାରନାମା ପେଡ଼ି ଏତିକିରେ ସରିନି। ଅରୁଣଙ୍କ ବିରୋଧରେ ସଂପୃକ୍ତ ମହିଳା କର୍ମଚାରୀ ଆଣିଛନ୍ତି ସାଂଘାତିକ ଅଭିଯୋଗ। ସେ କରିଥିବା ଏଫ୍‌ଆଇଆର ଅନୁସାରେ, ତାଙ୍କୁ ଦୀର୍ଘଦିନ ଧରି ଯୌନଶୋଷଣ କରି ଆସୁଥିଲେ ଅରୁଣ। ଆପତ୍ତିଜନକ କଥା କହିବା ସହ ବ୍ଲାକମେଲିଂ କରୁଥିଲେ। ମୁହଁ ଖୋଲିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରିବହନ ବିଭାଗରେ ମହିଳା ଜଣଙ୍କ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ଏନେଇ ଅଭିଯୋଗ କରିବାର ସାହସ ଜୁଟାଇ ପାରୁନଥିଲେ।

# ମରାଠୀ ଫିଲ୍ମ 'ଗୋନ୍ଧାଲ' ଓସ୍କାର ପାଇଁ ମନୋନୀତ

**ନୂଆଦିଲ୍ଲୀ, ୧୮।୯**

ସନ୍ତୋଷ ଦଭାଖାରଙ୍କ ନିର୍ଦ୍ଦେଶିତ ମରାଠୀ ଫିଲ୍ମ 'ଗୋନ୍ଧାଲ' ୯୯ତମ ଓସ୍କାର ପୁରସ୍କାର ପାଇଁ ଭାରତ ପକ୍ଷରୁ ମନୋନୀତ ହୋଇଛି । ମହାରାଷ୍ଟ୍ରର ସଂସ୍କୃତି ଉପରେ ଆଧାରିତ ଏହି ଚଳଚ୍ଚିତ୍ର ବିଶ୍ୱବାସୀଙ୍କୁ ଆକର୍ଷିତ କରିବ ବୋଲି ଫିଲ୍ମ ଫେଡେରେସନ ଅଫ ଇଣ୍ଡିଆ ତରଫରୁ କୁହାଯାଇଛି । ପୂର୍ବରୁ ୫୬ତମ ଇଣ୍ଟରନ୍ୟାସନାଲ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ରାଜ୍ୟସଭା କ୍ରସ୍ ଭୋଟିଂ :୨୯କୁ ଘୁଞ୍ଚିଲା ଶୁଣାଣି।
- ଡ. ପ୍ରସନ୍ନ କୁମାର ଆଚାର୍ଯ୍ୟ ଏନ୍‌ଏଲସି ଇଣ୍ଡିଆର ନୂଆ ଅଧ୍ୟକ୍ଷ।
- ପାଟନା ସିଭିଲ୍ କୋର୍ଟକୁ ବୋମା ଧମକ, ପରିସର କରାଗଲା ଖାଲି।
- ବନ୍ୟା ପୀଡିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ତିନି ମାସର ଦରମା ଦାନ କଲେ ବିଜେପି ଅଧ୍ୟକ୍ଷ ନିତିନ ନବୀନ।
- ମଧ୍ୟପ୍ରଦେଶର କୁନୋରେ ୪ଟି ଶାବକକୁ ଜନ୍ମ ଦେଲା ଭାରତୀୟ ବଂଶୋଦ୍ଭବ ମହିଳା ଚିତା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୪୪୨ (+୧୫୮)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୧୫୫ (+୧୪୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୮୨ (+୧୧୯)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (+୫)

# ଭାରତର ଶକ୍ତି ସୁରକ୍ଷା ଉପରେ ପ୍ରଭାବ ନେଇ ଆମେରିକା ସହ ଆଲୋଚନା କରିଛୁ

**ନୂଆଦିଲ୍ଲୀ, ୧୮।୯**

ଆମେରିକାର 'ଲିଣ୍ଡସେ ଓ. ଗ୍ରାହାମ ସ୍ୟାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ, ୨୦୨୬'ର ସମ୍ଭାବ୍ୟ ପ୍ରଭାବ ନେଇ ଭାରତ ଆମେରିକୀୟ ପ୍ରଶାସନର ବରିଷ୍ଠ ସ୍ତରରେ ନିଜର ଉଦବେଗ ପ୍ରକାଶ କରିଛି। ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଏହି ଆଇନ ଭାରତର ଶକ୍ତି ସୁରକ୍ଷା, ଅନ୍ତର୍ଜାତୀୟ ଶକ୍ତି ବଜାର ଏବଂ ସାମଗ୍ରିକ ଭାବେ ଭାରତ-ଆମେରିକା ସମ୍ପର୍କ ଉପରେ ପ୍ରଭାବ ପକାଇପାରେ ବୋଲି ଭାରତ ସ୍ପଷ୍ଟ ଭାବେ ଜଣାଇଛି।

ଜୟସ୍ୱାଲ ଶୁକ୍ରବାର ବିଦେଶ ମନ୍ତ୍ରଣାଳୟର ଦ୍ୱିସାପ୍ତାହିକ ଗଣମାଧ୍ୟମ




ବ୍ରିଫିଂରେ ଏହି ଆଇନ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ପ୍ରସ୍ତାବିତ ଆଇନର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଭାରତ ଆମେରିକୀୟ ପ୍ରଶାସନର ବରିଷ୍ଠ ସ୍ତରରେ ଆଗରୁ ହିଁ ନିଜର ମତ ରଖିସାରିଛି।

ସେ କହିଛନ୍ତି, "ଏହି ଆଇନର ଭାରତର ଶକ୍ତି ସୁରକ୍ଷା, ଅନ୍ତର୍ଜାତୀୟ ଶକ୍ତି ବଜାର ଏବଂ ସାମଗ୍ରିକ ସମ୍ପର୍କ ଉପରେ କି ପ୍ରଭାବ ପଡ଼ିପାରେ, ସେ ସମ୍ପର୍କରେ ଆମେ ଆମେରିକୀୟ ପ୍ରଶାସନର ବରିଷ୍ଠ ସ୍ତରରେ ଆଗରୁ ହିଁ ଆମର ମତ ରଖିଛୁ।"

ମୁଖପାତ୍ର କହିଛନ୍ତି ଯେ, ବର୍ତ୍ତମାନ ଏହି ପ୍ରସଙ୍ଗରେ ତାଙ୍କ ପାଖରେ ଏହାଠାରୁ ଅଧିକ କିଛି କହିବାକୁ ନାହିଁ।

ଆମେରିକୀୟ କଂଗ୍ରେସ 'ଲିଣ୍ଡସେ ଓ. ଗ୍ରାହାମ ସ୍ୟାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ, ୨୦୨୬'କୁ ଅନୁମୋଦନ କରିଛି। ଏହି ଆଇନରେ ରୁଷିଆରୁ ଶକ୍ତି କିଣୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବା ସହିତ ରୁଷିଆ ଓ ଇରାନ ବିରୋଧରେ ପ୍ରତିବନ୍ଧ ଲାଗୁ କରିବାର ବ୍ୟବସ୍ଥା ରହିଛି।

# ରାଜ୍ୟ ଗୋଷ୍ଠୀ ମହିଳା ସଂସଦ କାର୍ଯ୍ୟକ୍ରମରେ ବାଚସ୍ପତିଙ୍କ ଯୋଗଦାନ

**ଭୁବନେଶ୍ୱର, ୧୮।୯**

**ନ୍ୟୁଜ୍ ବ୍ୟୁରୋ**

ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ ଉଦ୍ଦେଶ୍ୟରେ ଭାରତ ୧୦୬ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩' ପ୍ରଣୟନ ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ।

ଦକ୍ଷିଣ ଆଫ୍ରିକାର କେପ୍ ଟାଉନ୍ ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀର ମହିଳା ସଂସଦର କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଲକ୍ଷ ଲକ୍ଷ ମହିଳାଙ୍କୁ ଆତ୍ମନିର୍ଭର କରାଇଛି । ଶିଶୁ ଯତ୍ନ, ପରିଷ୍କାର ପାଣିର ସୁବିଧା, ଋଣ ଏବଂ ଡିଜିଟାଲ୍ ସେବାର ଉପଲବ୍ଧତା ମହିଳାଙ୍କୁ ଉଦ୍ୟୋଗୀ ହେବାରେ ସାହାଯ୍ୟ କରିଛି । ଯେତେବେଳେ ଜଣେ ମହିଳା ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ହୁଅନ୍ତି, ସେ କେବଳ ଜଣେ ମହିଳାଙ୍କ ଦୃଷ୍ଟିକୋଣ ନେଇ ଆସନ୍ତି ନାହିଁ ବରଂ ସେ ଜଣେ ନାଗରିକ, ଏକ ସମ୍ପ୍ରଦାୟ ଏବଂ ଏକ ରାଷ୍ଟ୍ରର ଅନୁଭୂତି ବହନ କରି ଆସନ୍ତି । 'କମନଓ୍ୱେଲଥ୍ ୱିମେନ୍ ପାର୍ଲିଆମେଣ୍ଟାରିଆନ୍ସ' ନେଟୱାର୍କ ୧୮୦ରୁ ଅଧିକ *(ପୃଷ୍ଠା ୭ରେ)*




# ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ

**ଭୁବନେଶ୍ୱର, ୧୮।୯**

**ନ୍ୟୁଜ୍ ବ୍ୟୁରୋ**

ଥାନାରେ ପହଞ୍ଚିଲା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ମାମଲା। ସହିଦନଗର ଥାନାରେ ଏତଲା ଦେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ପ୍ରଶ୍ନପତ୍ର ଲିକର ସତ୍ୟାସତ୍ୟ କେତେ ? ପ୍ରଶ୍ନପତ୍ର ଲିକ୍ ହୋଇଛି କି ନାହିଁ ? ତାହାର ତଦନ୍ତ ପାଇଁ ଥାନାରେ ଲିଖିତ ଏତଲା ଦେଇଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ। ପ୍ରଶ୍ନପତ୍ର ଲିକ୍ ଘଟଣା ବିଷୟରେ କୌଣସି ସୂଚନା ବିଶ୍ୱବିଦ୍ୟାଳୟ ପାଖରେ ନାହିଁ। ଗଣମାଧ୍ୟମରେ ପ୍ରକାଶିତ ଖବରରୁ ଏବଂ ସୋସିଆଲ ମିଡିଆରୁ ସୂଚନା ପାଇଥିବା କହିଛନ୍ତି ବିଶ୍ୱବିଦ୍ୟାଳୟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ହେବାର ଥିଲେ ହେବ
ନହେବାର ଥିଲେ ନାହିଁ
ଟାଉଟର ଜାଣନ୍ତି ପାଣିପାଗ କଥା
ଅପପ୍ରଚାରଟା ସାଇସାଇ
ବାତ୍ୟା ଖବରକୁ ନେଇ
କାହା କଥାରେ ପରତେ ଯାଅନି
ବିଭାଗକୁ ଥାଅ ଚାହିଁ।

# ପାରାସିଟାମଲ ମାନ ପରୀକ୍ଷଣରେ ବିଫଳ



**ମୁମ୍ବାଇ, ୧୮।୯**

ଥଣ୍ଡା ଜ୍ୱର ଟିକେ ହେଲେ ଲୋକେ ଡାକ୍ତରଖାନାକୁ ନ ଯାଇ ଔଷଧ ଦୋକାନରୁ ପାରାସିଟାମଲ ଗୋଟେ ଆଣି ଖାଇ ଦିଅନ୍ତି। ଆଉ ଏଥିରେ ରୋଗ ଭଲ ହେଇଯିବ ବୋଲି ଭାବିଥାନ୍ତି। ମାତ୍ର ଏବେ ଏହି ଔଷଧ ଜ୍ୱର ଭଲ କରିବନି, ରୋଗୀକୁ ଅଧିକ ରୋଗୀଣା କରିଦେବ। କାରଣ ଏହି ଔଷଧ ବି ଭେଜାଲ ହୋଇଗଲାଣି। ଅଧିକ ଲାଭ ଆଶାରେ କମ୍ପାନୀ ଏହି ଔଷଧର ମାନ ଠିକ୍ ରଖୁନାହାନ୍ତି। ମାନ ପରୀକ୍ଷଣରେ ପାରାସିଟାମଲ ବିଫଳ ହୋଇଛି। ମହାରାଷ୍ଟ୍ର ଖାଦ୍ୟ ଓ ଡ୍ରଗ ପ୍ରଶାସନ (ଏଫଡିଏ) ପକ୍ଷରୁ ନାଗପୁରରେ କରାଯାଇଥିବା ପରୀକ୍ଷଣରୁ ଏହି ସାଂଘାତିକ ସୂଚନା ସାମନାକୁ ଆସିଛି। ଖାଲି ଏହି ଔଷଧ ନୁହେଁ, ରକ୍ତଚାପ ନିୟନ୍ତ୍ରଣ କରିବାକୁ ବ୍ୟବହୃତ ଔଷଧ ମଧ୍ୟ ନିର୍ଦ୍ଧାରିତ ମାନ ବଜାୟ ରଖିବାରେ ବିଫଳ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାରୀ ଡାକ୍ତରଖାନା ଗୁଡ଼ିକରେ ପାରାସିଟାମଲ ଓ ରକ୍ତଚାପ ଔଷଧର ବିତରଣ ଉପରେ କଟକଣା ଲଗାଇ ଦେଇଛନ୍ତି ଓ ଉପଲବ୍ଧ ଥିବା ଔଷଧକୁ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଔଷଧଗୁଡ଼ିକ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନା (ଜିଏମସିଏଚ) ଏବଂ *(ପୃଷ୍ଠା ୭ରେ)*

# ଆଜି ଲଘୁଚାପ : ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୮।୯**

**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ଥାଇଲ୍ୟାଣ୍ଡ ଉପରେ ବାୟୁମଣ୍ଡଳର ମଧ୍ୟଭାଗରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳକୁ ଗତି କରିବା ସହ ଶନିବାର ସନ୍ଧ୍ୟା ସୁଦ୍ଧା ସେହି ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା କ୍ରମଶଃ ଘନୀଭୂତ ହୋଇ ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଯାହା ଆକଳନ କରାଯାଉଛି, ଏହା ପ୍ରଭାବରେ ୨୨ ତାରିଖରୁ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ।

ଏହା ସହ ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ଓ ବିଜୁଳି ଘଡଘଡି ସହ ୩୦ ରୁ ୪୦ ଝଟକା ପବନ ବିହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ମୌସୁମୀ ଋତୁରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ରାଜ୍ୟର ସବୁ ଜିଲ୍ଲାରେ ସ୍ୱାଭାବିକ ବର୍ଷା ସହ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି । ଏହା ସହ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ୟୁରୋପକୁ ଗ୍ରୀଷ୍ମ ମୁକାବିଲା ଚିନ୍ତା

ୟୁରୋପରେ ଚଳିତ ବର୍ଷ ଭୀଷଣ ତାତି ହଜାର ହଜାର ସଂଖ୍ୟାରେ ଲୋକଙ୍କ ଜୀବନ ନେଇଛି । ରିପୋର୍ଟ ଅନୁସାରେ, ହିଟ୍‌ୱେଭ୍ ବା ଗ୍ରୀଷ୍ମପ୍ରବାହ ଯୋଗୁ ୟୁରୋପରେ ପ୍ରାୟ ୩୫ ହଜାର ମୃତ୍ୟୁ ଘଟିଛି । ଅନେକ ନଦୀ ଶୁଖିଛି, ଜଙ୍ଗଲ ଜଳିଛି। ସ୍ଥିତିକୁ ଦେଖି ୟୁରୋପୀୟ ସଂଘ ଏବେ ଗରମକୁ ବଡ଼ ବିପର୍ଯ୍ୟୟ ବିବେଚନା କରିବା ସହ ଏହାର ମୁକାବିଲା ଲାଗି ନୂଆ ସିଷ୍ଟମ ବନାଇବାକୁ ପ୍ରସ୍ତୁତି କରୁଛି । ୟୁରୋପୀୟ କମିଶନର ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର ଲେୟେନ୍ କହିଛନ୍ତି, ଚଳିତ ବର୍ଷର ଗରମ ୟୁରୋପକୁ ବଡ଼ ଶିକ୍ଷା ଦେଇଛି । ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ଅନେକ ନଦୀ ଶୁଖିଛି । ପର୍ତ୍ତୁଗାଲଠାରୁ ହଙ୍ଗେରୀ ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ଜୀବନ ଯାଇଛି । ବିଗୁଡୁଥିବା ଜଳବାୟୁ ସ୍ଥିତିର ମୁକାବିଲା ପାଇଁ ୟୁରୋପୀୟ ସଂଘ ନୂଆ କୌଶଳ ଏବଂ ପଦ୍ଧତି ବିକଶିତ କରିବା ଜରୁରୀ ବୋଲି ସେ କହିଛନ୍ତି । ଷ୍ଟେଟ୍ ଅଫ୍ ଦି ୟୁରୋପିଆନ ୟୁନିୟନ ଅଭିଭାଷଣରେ ସେ ଏକ ନୂତନ ୟୁରୋପୀୟ ଗ୍ରୀଷ୍ମ ପ୍ରବାହ ଯୋଜନା ଏବଂ ଭବିଷ୍ୟତ ପାଇଁ ଏକ ଅତ୍ୟାଧୁନିକ ଅଗ୍ନିଶମ ବିମାନ ବାହିନୀ ଗଠନର ପ୍ରସ୍ତାବ ଦେଇଛନ୍ତି । ଚଳିତ ବର୍ଷ ଗ୍ରୀଷ୍ମଋତୁର ଗରମ ପାଣିପାଗ ୟୁରୋପ ସମ୍ମୁଖୀନ ହେଉଥିବା ଆହ୍ୱାନର ଭୟାବହତାକୁ ସ୍ପଷ୍ଟ କରିଦେଇଛି ବୋଲି ସେ କହିଛନ୍ତି। ଏବେ ୟୁରୋପୀୟ ୟୁନିୟନ ନିଜର ଏକ ଛୋଟ ବିମାନ ବାହିନୀ ପରିଚାଳନା କରୁଛି ଏବଂ ନିଆଁ ଲାଗିବା ସମୟରେ ୨୭ଟି ସଦସ୍ୟ ଦେଶ ମଧ୍ୟରେ ସହାୟତା ପାଇଁ ବିମାନ, ପାଣି ଟ୍ୟାଙ୍କର ଏବଂ ସ୍ୱେଚ୍ଛାସେବୀଙ୍କ ଏକ ନେଟୱର୍କକୁ ସମନ୍ୱିତ କରୁଛି । ଉର୍ସୁଲା ଭନ୍ ଡେର ଆହୁରି କହିଛନ୍ତି, ୟୁରୋପ ମହାଦେଶର କୌଣସି ଭାଗ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପରୁ ବର୍ତ୍ତି ପାରିନାହିଁ । ଡାନିୟୁବ୍, ରାଇନ୍ କିମ୍ବା ଗାରୋନ୍ ଭଳି ପ୍ରମୁଖ ନଦୀଗୁଡ଼ିକ ଆଖି ଆଗରେ ଶୁଖି ଯାଉଛି। ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ଡାକ୍ତରଖାନାଗୁଡ଼ିକରେ ରୋଗୀ ସେବା ବ୍ୟାପକ ଭାବେ ବାଧାପ୍ରାପ୍ତ ହୋଇଛି । ଫଳରେ ବୟସ୍କ ଲୋକଙ୍କ ଯତ୍ନନେବା କଷ୍ଟକର ହୋଇପଡ଼ିଛି । ସେମାନେ ଏଭଳି ପରିବେଶ ସହ ଖାପ ଖୁଆଇ ନ ପାରି ଅସୁସ୍ଥ ହୋଇପଡୁଛନ୍ତି । ପରବର୍ତ୍ତୀ ପଦକ୍ଷେପ ଭାବେ ଗରମରେ ସର୍ବାଧିକ ପ୍ରଭାବିତ ୧୦୦ ଅଞ୍ଚଳକୁ ଚିହ୍ନଟ କରାଯିବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ୟୁରୋପରେ ଅନେକ ଦେଶର ଜଙ୍ଗଲରେ ଭୟଙ୍କର ନିଆଁ ଲାଗିଥିଲା। ସେଥିରୁ ପ୍ରାୟ ୬.୬୦ ଲକ୍ଷ ହେକ୍ଟର ଜମିର ଜଙ୍ଗଲ ଜଳି ପାଉଁଶ ହୋଇଯାଇଥିଲା। ପ୍ରାୟ ୧.୨ କୋଟି ଟନ୍ ଫସଲ ନଷ୍ଟ ହୋଇଯାଇଛି । ଜଙ୍ଗଲ ନିଆଁର ମୁକାବିଲା ପାଇଁ ଉର୍ସୁଲା ଭନ୍ ଡେର ନୂତନ ଦକ୍ଷତା ପ୍ରସ୍ତୁତ କରିବା, ଜରୁରୀ କାଳୀନ ସେବା ବ୍ୟବସ୍ଥା ଏବଂ ଅଗ୍ନିଶମ ବାହିନୀକୁ ଅଧିକ ଦକ୍ଷ ଏବଂ ନୂତନ ଟେକ୍ନୋଲୋଜି ଆପଣାଇବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏକ ଅଧ୍ୟୟନ ଅନୁସାରେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚଳିତ ବର୍ଷ ୟୁରୋପରେ ଭୟଙ୍କର ଭାବେ ଅନୁଭୂତ ହୋଇଛି। ଉର୍ସୁଲା ଭନ୍ ଡେରଙ୍କ ମୁତାବକ, ୟୁରୋପ ଦୁନିଆର ହାରାହାରି ତାପମାତ୍ରା ତୁଳନାରେ ପ୍ରାୟ ୨ ଗୁଣା ଗତିରେ ଗରମ ହେଉଛି। ଆଗାମୀ ବର୍ଷଗୁଡ଼ିକରେ ୟୁରୋପକୁ ଦ୍ରୁତଗତିରେ ପ୍ରଚଣ୍ଡ ହେଉଥିବା ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି କରିବାକୁ ପଡ଼ିବ । ପ୍ରକାଶଥାଉ କି, ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ୟୁରୋପରେ ତାତି ଅନେକ ରେକର୍ଡ ଭାଙ୍ଗିଥିଲା । ଇଟାଲୀର ସିସିଲିରେ ଜୁଲାଇ ୨୨ରେ ତାପମାତ୍ରା ୪୬.୫ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ସେହିପରି ଫ୍ରାନ୍ସର ପିସୋସରେ ୪୪.୩ ଡିଗ୍ରୀ ଏବଂ ସ୍ପେନ୍‌ର ଅନେକ ଅଞ୍ଚଳରେ ତାପମାତ୍ରା ଲଗାତର ୪୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିଲା।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା । ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ । ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି । ତେଣୁ କାହାକୁ କହିବି କିଏ ସେ ଶୁଣିବ । ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବ । ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାଡି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ବା ମନ୍ଦରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲକ୍ଷ୍ୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ ।

# ନିଶାମୁକ୍ତ ଓଡ଼ିଶାର ସଂକଳ୍ପ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୯୪୩୮୨୪୮୮୫୪

ନିଶାର କୁପରିଣତି ସମ୍ବନ୍ଧରେ ଆମେ ସମସ୍ତେ ଅବଗତ। ରାଜ୍ୟର ବିକାଶରେ ଏହା ମୁଖ୍ୟ ପ୍ରତିବନ୍ଧକ। ସାମାଜିକ ବିଶୃଙ୍ଖଳା ପାଇଁ ଏହା ମୁଖ୍ୟତଃ ଦାୟୀ। ନିଶା ଯୋଗୁଁ କେତେ ପରିବାର ଧ୍ୱଂସ ହୋଇଯାଇଛି, କେତେ ଲୋକ ତଳିତଳାନ୍ତ ହୋଇଯାଇଛନ୍ତି, କେତେ ଯୁବପ୍ରତିଭା ଅସମୟରେ ମୃତ୍ୟୁବରଣ କରିଛନ୍ତି, ଏହାର ହିସାବ କରାଯାଇ ପାରିବ ନାହିଁ। ଏକଥାକୁ ନେତା, ପ୍ରଶାସକ ଓ ସାଧାରଣ ଜନତା ସମସ୍ତେ ଜାଣିଛନ୍ତି, ତଥାପି ରାଜ୍ୟରେ ନିଶା ନିବାରଣ ଯୋଜନା ପ୍ରଣୟନ ହୋଇପାରୁ ନାହିଁ। ସାଧାରଣ ଜନତା ଏହାକୁ ନେଇ ଆନ୍ଦୋଳନ କରନ୍ତି। ନେତାମାନେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଅନ୍ତି ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ, ହେଲେ ତାଙ୍କ ଭାଷଣ ଭାଷଣରେ ରହିଯାଏ। ନିଶାର ପ୍ରସାର ବନ୍ଦହେବା ତ ଦୂରର କଥା ଏହା ଆହୁରି ବଢେ। ନୂଆ ନୂଆ ମଦ ଦୋକାନ ଖୋଲେ। ନିଶା ବେପାର ବେଧଡ଼କ ଚାଲେ।

ବିଶେଷକରି ଆଦିବାସୀ, ଦଳିତ ଓ ଅନଗ୍ରସର ଅଞ୍ଚଳମାନଙ୍କରେ ନିଶା ଏକ ଗୁରୁତର ସାମାଜିକ ସମସ୍ୟା। ଏମାନଙ୍କ ବିକାଶରେ ଏହା ମୁଖ୍ୟ ପ୍ରତିବନ୍ଧକ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଏ। ସାମାଜିକ ଓ ପାରିବାରିକ ଶାନ୍ତିକୁ ବ୍ୟାହତ କରେ। ନିଶାଗ୍ରସ୍ତ ସ୍ୱାମୀଙ୍କ ଦ୍ୱାରା ସ୍ତ୍ରୀ ଉପରେ ଅତ୍ୟାଚାର ହୁଏ। ମାଡ଼ଗୋଳ ଓ ଗାଳିଗୁଲଜଠାରୁ ଆରମ୍ଭ କରି ହତ୍ୟା ଓ ଧର୍ଷଣ ପର୍ଯ୍ୟନ୍ତ କଥା ଯାଏ। ସାମଗ୍ରିକଭାବେ ସମସ୍ତ କ୍ଷେତ୍ରରେ ସମସ୍ତଙ୍କ ପାଇଁ ନିଶା ପ୍ରଗତିର ବାଧକ। ସମାଜର ତଳ ସ୍ତରର ଲୋକମାନଙ୍କର ବିକାଶ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ନିଶାର ବହୁଳ ପ୍ରସାର ସବୁକିଛି ବିଗାଡି ଦେଉଛି। ବିଶେଷକରି ଯୁବସମାଜ ଯେଉଁମାନେ ଦେଶର ବିକାଶରେ ଯେଉଁ ସମୟରେ ଭାଗୀଦାରୀ ହେବା କଥା ସେହି ସମୟରେ ନିଶାଗ୍ରସ୍ତ ହୋଇ ଗଡିବା ଦୁଃଖଦାୟକ। ତେଣୁ ରାଷ୍ଟ୍ର ନିର୍ମାଣ ପାଇଁ ନିଶା ରାକ୍ଷସର ବହିଷ୍କାର ଅତ୍ୟନ୍ତ ଜରୁରୀ।


'ନିଶା ଯୁବପିଢ଼ିକୁ ପଥଭ୍ରଷ୍ଟ କରୁଛି। ପରିବାର କିମ୍ବା ବ୍ୟକ୍ତି ନୁହେଁ; ପୁରା ସମାଜକୁ ବିଗାଡୁଛି।' ଏହାଥିଲା ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଅଭିବ୍ୟକ୍ତି। କିଛିବର୍ଷ ପୂର୍ବେ ସେ ମୟୂରଭଞ୍ଜର ହାତବାଦଡା ନିକଟରେ ଥିବା ସାତପଡଟିଆ ଗ୍ରାମର ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ନିଶାମୁକ୍ତ ଓଡିଶା ଅଭିଯାନକୁ ଉଦଘାଟନ କରିବା ଅବସରରେ ଏହା କହିଥିଲେ। ସେ ଭାରତବର୍ଷର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବାପରେ ଏହା କହିଛନ୍ତି ତାହା ନୁହେଁ, ସେ ଝାଡଖଣ୍ଡ ରାଜ୍ୟର ରାଜ୍ୟପାଳ ଥିବା ସମୟରେ ମଧ୍ୟ ସେ ରାଜ୍ୟରେ ନିଶାନିବାରଣ ହେବା ଜରୁରୀ ବୋଲି ଅନେକ ଥର କହିଛନ୍ତି। ଏହା ତାଙ୍କ ଅନ୍ତରର କଥା। ସେ ଏକ ନିଶାମୁକ୍ତ ଓ ଘୃଣା-ହିଂସା ରହିତ ସୁନ୍ଦର ସମାଜର ପରିକଳ୍ପନା କରନ୍ତି। କରୁଣା, ପ୍ରେମ, ସ୍ନେହ ଓ ଭଲପାଇବା ମାଧ୍ୟମରେ ବ୍ୟକ୍ତି ନିଜକୁ ବଦଳାଇବା ସହିତ ସମଗ୍ର ସମାଜକୁ ବଦଳାଇ ଦେଇପାରିବ ବୋଲି ତାଙ୍କ ବିଶ୍ୱାସ।

ନିଶାନିବାରଣ ଉପରେ ତାଙ୍କ ବକ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ କେତେକ ମୁଷ୍ଟିମେୟ ସାମାଜିକ କର୍ମୀ ବ୍ୟତୀତ ରାଜନୀତି ମହଲରେ କିମ୍ବା ସାଧାରଣ ଜନତାଙ୍କ ମଧ୍ୟରେ ଏହା ଆଲୋଚନାର ଖୋରାକ ଯୋଗାଇ ପାରିଲା ନାହିଁ। ଏପରିକି ମଦବିରୋଧୀ ଆନ୍ଦୋଳନର ସାମାଜିକ କର୍ମୀଙ୍କୁ ମଧ୍ୟ ଏହା ବିଶେଷ ପ୍ରଭାବିତ କରିପାରି ନାହିଁ। ଏହାର କାରଣ ହେଉଛି ଓଡିଶାର କୌଣସି ରାଜନୈତିକ ଦଳ ନିଶାନିବାରଣକୁ ନିଜ ଦଳୀୟ ଇସ୍ୟୁଭାବେ ଗ୍ରହଣ କରିନାହାଁନ୍ତି। ଏପରିକି ରାଷ୍ଟ୍ରପତିଙ୍କ ପୂର୍ବ ରାଜନୈତିକ ଦଳ ପାଇଁ ମଧ୍ୟ ଏହା ଏକ ଅଦରକାରୀ ବିଷୟ। ସମସ୍ତ ରାଜନୈତିକ ଦଳରେ ମଦୁଆମାନେ ଅଛନ୍ତି ଓ ତାଙ୍କୁ ବଡ ନେତାଙ୍କ ଭିଷଣ ଭୟ। ଏମାନେ ଭୋଟ ଗଣିତକୁ ଏପଟ ସେପଟ କରିଦେଇ ପାରିବେ। ରାଜନୈତିକ ଲବିରେ ମଦ ମାଫିଆମାନେ ଆଗରେ ଅଛନ୍ତି। ତେଣୁ ମଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବ କିଏ ? ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ସାମାଜିକ କମ୍ପନ ସୃଷ୍ଟି କରିବ କିଏ ? ଯେଉଁମାନେ ବି ସମ୍ବେଦନଶୀଳ ସେମାନେ ଭାବୁଛନ୍ତି ଚାରିଆଡ଼େ ନିଶାର ବନ୍ୟା ବହୁଥିବା ବେଳେ ତାଙ୍କ କଥା କୋଉଠି କୂଳ ଧରିବ। ରାଷ୍ଟ୍ରପତି କହିବା କଥା କହିଲେ ଆମେ ଶୁଣିବା କଥା ଶୁଣିଲୁ। ବାସ ସେତିକି ଯଥେଷ୍ଟ। ସମାଜ ପୁରୁଣା ଢଙ୍ଗରେ ଚାଲିଛି। ନୂତନ ସମାଜର ପରିକଳ୍ପନା ବୃଥା।

ଜଣେ ଆଦିବାସୀ ମହିଳା ଭାରତବର୍ଷ ପରି ସର୍ବବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ନିଶ୍ଚୟ। ଆମର ଗର୍ବ ସେତିକିରେ ସମାପ୍ତ ହେଲେ ଚଳିବ ନାହିଁ। ତାଙ୍କ କଥାକୁ ଗୁରୁତ୍ୱ ଦେଲେ ଏ ଗର୍ବର ମହତ୍ତ୍ୱ ରହିବ। ତାଙ୍କ ଅଭିଜ୍ଞତା ଓ ସାମାଜିକ ଅନୁଭୂତି ଆମର ପାଥେୟ ହେବା ଉଚିତ। ପିଲାଦିନରୁ ଦେଖି ଆସିଥିବା ଘଟଣା ପ୍ରବାହର ଆଧାରରେ ସେ ଏହା କହିଛନ୍ତି। ଏ ମୂଲ୍ୟବାନ୍ ଅନୁଭୂତିକୁ ରାଷ୍ଟ୍ର କାର୍ଯ୍ୟରେ ଲଗାଇବା ଉଚିତ୍। ରାଜତନ୍ତ୍ରରେ ସିନା ରାଜା କହିବା ମାତ୍ରେ ତାହା ନିୟମରେ ପରିଣତ ହୁଏ, କିନ୍ତୁ ଗଣତନ୍ତ୍ରରେ ଏଥିପାଇଁ ଜନମତ ତିଆରି କରିବାକୁ ପଡେ। ଏଦିଗରେ ରାଜନୈତିକ ଦଳ, ବୁଦ୍ଧିଜୀବି, ସାମାଜିକ କର୍ମୀ ଓ ସାମଗ୍ରିକ ଭାବେ ସାଧାରଣ ଜନତା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। କେତେକ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ଦ୍ୱାହିଦେଇ ଜନମତ ତିଆରି କରାଯାଇ ପାରିବ। ଅତୀତରେ ସେ ଅନେକଥର ଏକଥା କହିଛନ୍ତି, କିନ୍ତୁ ରାଷ୍ଟ୍ରମୁଖ୍ୟ ଭାବେ କହିବାର ସ୍ୱତନ୍ତ୍ର ପ୍ରଭାବ ରହିଛି। ଓଡିଶାବାସୀ ନିଶ୍ଚିତଭାବେ ତାଙ୍କ ବାଣୀକୁ ଗୁରୁତ୍ୱର ସହିତ ନେବା ଉଚିତ୍। ଆଗାମୀ ଦିନରେ ଯଦି ରାଜ୍ୟରେ କେବେ ନିଶା ନିବାରଣ ହୁଏ, ତେବେ ସେ ସମୟରେ ତାଙ୍କ ଏ ବାଣୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିବ। ଏତତ୍ ବ୍ୟତୀତ ସାମାଜିକ ବିକାଶ ଦିଗରେ ତାଙ୍କ ଏ ଆଭିମୁଖ୍ୟ ଅବିସ୍ମରଣୀୟ ହୋଇ ରହିବ।

ସାମ୍ପ୍ରତିକ ଅବସ୍ଥାରେ ତାଙ୍କ ନିଶାମୁକ୍ତ ଓଡିଶା ଗଠନର ଆହ୍ୱାନ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଯେତେବେଳେ ରାଷ୍ଟ୍ରର ସର୍ବମୟ କର୍ତ୍ତା ଏ କଥା କହିଛନ୍ତି ଏହାକୁ ହାଲୁକାଭାବେ ନିଆଯାଇ ପାରିବ ନାହିଁ। ରାଜ୍ୟ ସରକାର ଏ ବିଷୟରେ ପଦକ୍ଷେପ ନେବାକୁ ବାଧ୍ୟ। ଅନ୍ୟଥା କଥାଟି ତାଙ୍କ ପ୍ରତି ଅବମାନନା ବୋଲି ଗ୍ରହଣୀୟ ହେବ। ଯେ କୌଣସି ରାଷ୍ଟ୍ରରେ ଜଣେ ରାଷ୍ଟ୍ରମୁଖ୍ୟଙ୍କ କଥାକୁ ସମସ୍ତେ ସମ୍ମାନ ଜଣାଇବା ପ୍ରତ୍ୟେକଙ୍କ ପାଇଁ ନାଗରିକ କର୍ତ୍ତବ୍ୟ। ସମସ୍ତେ ସଚେତନ ହୋଇ ନିଶା ଛାଡିବା ଓ ସରକାର ଏହାକୁ ନିଷିଦ୍ଧ କରିବା ମଧ୍ୟରେ ପାର୍ଥକ୍ୟ ରହିଛି। ସରକାର ନିଶାନିବାରଣ ଉପରେ ପଦକ୍ଷେପ ନେଲେ ଅଧିକ ଫଳପ୍ରଦ ହୁଏ। ତେବେ ପ୍ରତ୍ୟେକଟି ନାଗରିକ ନିଶାର କୁପ୍ରଭାବ ବିଷୟରେ ସଚେତନ ହୋଇ ଏହାକୁ ପରିହାର କରିବାର ମଧ୍ୟ ଆବଶ୍ୟକତା ରହିଛି। ଏ ଦିଗରେ ରାଷ୍ଟ୍ରୀୟ ଜାଗରଣ ଜରୁରୀ। ମହାମହିମ ରାଷ୍ଟ୍ରପତିଙ୍କ ଅତୀତର ନିଶାମୁକ୍ତ ଓଡିଶା ଗଠନର ଆହ୍ୱାନ ଏହି ପରିପ୍ରେକ୍ଷୀରେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଯେଉଁ ସମୟରେ ଗାଁ ଗହଳିରେ, ସହର ବଜାରରେ, ସମାଜର ବିଭିନ୍ନ ବର୍ଗ ମଧ୍ୟରେ ନିଶାସେବନ ଉପରେ ପ୍ରତିଯୋଗିତା ଚାଲିଛି ଓ ମଦୁଆମାନେ ସାମାଜିକ ମୂଲ୍ୟବୋଧର ପ୍ରତୀକ ସାଜିଛନ୍ତି, ସେ ସମୟରେ ରାଜ୍ୟ ସରକାର ଓଡିଶାର ସ୍ୱାର୍ଥ ଦୃଷ୍ଟିରୁ ନିଶାନିବାରଣ ଉପରେ ଗୁରୁତ୍ୱର ସହିତ ବିଚାର କରିବା ଉଚିତ୍। ଯେତିକି ରାଜ୍ୟସ୍ୱ ଅବକାରୀ ବିଭାଗରୁ ଆସୁଛି ତାଠାରୁ ବହୁଗୁଣା ଅଧିକ ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ରାଷ୍ଟ୍ରପତି ଓ ଓଡିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟର। ତେଣୁ ଆଦିବାସୀ, ଦଳିତ, ପଛୁଆବର୍ଗ ଓ ଗରିବ ଲୋକଙ୍କ ଉପରେ ନିଶାର କୁପରିଣତି ଉପରେ ସେମାନେ ଭଲଭାବେ ଅବଗତ ଅଛନ୍ତି। ନିଶାନିବାରଣ ଏମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଯଥେଷ୍ଟ ସହାୟକ ହେବ। ଓଡିଶାରେ ନିଶାନିବାରଣ ହୋଇପାରିଲେ ରାଜ୍ୟ ସରକାରଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ।

# ମୋନଡ୍ରାଗନ୍ କର୍ପୋରେସନ୍



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସମବାୟ ସମିତି କେବଳ ଏକ ଆର୍ଥିକ ସଂଗଠନ ନୁହେଁ, ବରଂ ଏହା ଏକ ସାମାଜିକ ଓ ନୈତିକ ବନ୍ଧନ । ଏହାର ମୂଳ ଲକ୍ଷ୍ୟ ହେଉଛି ପାରସ୍ପରିକ ସହଯୋଗ, ସ୍ୱାବଲମ୍ବନ, ଗଣତାନ୍ତ୍ରିକ ପରିଚାଳନା ଏବଂ ସାମୂହିକ ସମୃଦ୍ଧି । ସମବାୟ ସମିତି ଗୁଡିକର ପୁଞ୍ଜି ଅପେକ୍ଷା ମାନବ ସମ୍ବଳକୁ ଅଧିକ ଗୁରୁତ୍ୱ ଦିଆଯାଏ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ ସଦସ୍ୟ କେବଳ ଲାଭର ଭାଗିଦାରୀ ନୁହନ୍ତି, ବରଂ ସଂସ୍ଥାର ନିଷ୍ପତ୍ତି ଗ୍ରହଣକାରୀ ମଧ୍ୟ ଅଟନ୍ତି । ବର୍ତ୍ତମାନ୍ ବିଶ୍ୱରେ ପୁଞ୍ଜିବାଦ ଏବଂ ବିଶ୍ୱାୟନ୍‌ର ପ୍ରଭାବ ମଧ୍ୟରେ ସମବାୟ ଆନ୍ଦୋଳନ ଏକ ବିକଳ୍ପ ଆର୍ଥିକ ମଡେଲ୍ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହାର ସର୍ବୋତ୍କୃଷ୍ଟ ଉଦାହରଣ ହେଉଛି ସ୍ପେନ୍ ଦେଶର ମୋନଡ୍ରାଗନ୍ କର୍ପୋରେସନ୍। ଏହି ସମିତି ଦେଖାଇ ଦେଇଛି ଯେ, ସହଯୋଗ, ଗଣତନ୍ତ୍ର ଏବଂ ସାମାଜିକ ଦାୟିତ୍ୱ ଆଧାରରେ ବିଶ୍ୱସ୍ତରୀୟ ଶିଳ୍ପ ସଂସ୍ଥା ଗଢ଼ି ତୋଳା ଯିବା ସମ୍ଭବ । ସମବାୟର ଆଧାର ହେଉଛି ...'ଜଣେ ସମସ୍ତଙ୍କ ପାଇଁ ଏବଂ ସମସ୍ତେ ଜଣଙ୍କ ପାଇଁ' । ଏଠାରେ ପ୍ରତ୍ୟେକ ସଦସ୍ୟଙ୍କର ସମାନ ଅଧିକାର ରହେ । ସଂସ୍ଥାର ଲାଭ କେବଳ କିଛି ଲୋକଙ୍କ ମଧ୍ୟରେ ସୀମିତ ନ'ରହି ସମସ୍ତ ସଦସ୍ୟଙ୍କ ଉନ୍ନତି ଏବଂ ସମାଜର କଲ୍ୟାଣରେ ବ୍ୟବହୃତ ହୁଏ । ସମବାୟ ବ୍ୟବସ୍ଥାର ସ୍ୱଚ୍ଛତା, ସତ୍ୟନିଷ୍ଠା, ଅଂଶୀଦାରିତା ଏବଂ ଦାୟିତ୍ୱବୋଧ ଉପରେ ଆଧାରିତ ।

ମୋନଡ୍ରାଗନ୍‌ର ଜନ୍ମ.....ସ୍ପେନ ଦେଶର ବାସ୍କ ଅଞ୍ଚଳର ମୋନଡ୍ରାଗନ୍ ସହର ଅବସ୍ଥିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ତଥା ସ୍ପେନର ଗୃହଯୁଦ୍ଧ ପରେ ସେହି ସହରଟି ଦାରିଦ୍ର୍ୟ ଓ ବେକାରୀ ସମସ୍ୟାରେ ପୀଡ଼ିତ ଥିଲା । ସେହି ସମୟରେ ଯୁବ କାଥଲିକ୍ ପାଦ୍ରୀ ହୋସେ ମାରିଆ ଏହି ଅଞ୍ଚଳକୁ ଆସିଥିଲେ । ସେ ଲୋକଙ୍କ ସମସ୍ୟାକୁ ତୃଣମୂଳ ସ୍ତରରୁ ଅନୁଧ୍ୟାନ କରି ଏକ ନିର୍ଣ୍ଣୟରେ ପହଞ୍ଚି ଥିଲେ । ସେ କେବଳ ଆର୍ଥିକ ସହାୟତା ଦେଇ ସମାଧାନ କରିବାକୁ ଚାହିଁ ନଥିଲେ । ବରଂ ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କୁ ସେ ସ୍ୱାବଲମ୍ବୀ କରିବାକୁ ଚାହୁଁଥିଲେ । ସେ ପ୍ରଥମେ ଏକ ପ୍ରଯୁକ୍ତି ବିଦ୍ୟାଳୟ ସ୍ଥାପନ କଲେ । ସେଠାରେ ଶିକ୍ଷାପ୍ରାପ୍ତ ପାଞ୍ଚଜଣ ଯୁବକ ୧୯୫୬ ମସିହାରେ ଏକ କ୍ଷୁଦ୍ର ଶିଳ୍ପ ସମବାୟ ସଂସ୍ଥା ପ୍ରତିଷ୍ଠା କଲେ । ଏହି ଛୋଟ ପଦକ୍ଷେପ ହିଁ ପରବର୍ତ୍ତୀ ସମୟରେ ମୋନଡ୍ରାଗନ୍ କର୍ପୋରେସନ୍‌ର ଭିତ୍ତିସ୍ଥାପନ କରି ଥିଲା ।


ମୋନଡ୍ରାଗନ୍‌ର ମୂଳ ଆଦର୍ଶ ଥିଲା....ଶ୍ରମର ସମ୍ମାନ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିଚାଳନା, ସାମାଜିକ ନ୍ୟାୟ ପ୍ରଦାନ, ଶିକ୍ଷା ଏବଂ ସମାନ ସୁଯୋଗ ଦେବା । ସେଠାରେ କର୍ମଚାରୀ ମାନେ କେବଳ ବେତନ ଭୋଗୀ କର୍ମଚାରୀ ନୁହନ୍ତି; ସେମାନେ ସଂସ୍ଥାର ମାଲିକ ମଧ୍ୟ ହୋଇ ପାରିଛନ୍ତି। ସେଥିପାଇଁ ସଂସ୍ଥାର ସଫଳତାକୁ ସେମାନେ ନିଜ ସଫଳତା ବୋଲି ଅନୁଭବ କରନ୍ତି ।

ମୋନଡ୍ରାଗନ୍ କର୍ପୋରେସନ୍‌ର ସବୁଠାରୁ ବଡ଼ ବିଶେଷତା ହେଉଛି ଏହାର ଗଣତାନ୍ତ୍ରିକ ପରିଚାଳନା ବ୍ୟବସ୍ଥା । ଏଠାରେ କୌଣସି ଜଣେ ବ୍ୟକ୍ତି କିମ୍ବା ବଡ଼ ପୁଞ୍ଜିପତି ସଂସ୍ଥାର ମାଲିକ ନୁହନ୍ତି। କର୍ମଚାରୀ ମାନେ ହିଁ ସଂସ୍ଥାର ପ୍ରକୃତ ମାଲିକ। ପ୍ରତ୍ୟେକ ସଦସ୍ୟଙ୍କର 'ଜଣେ ସଦସ୍ୟ ... ଗୋଟିଏ ଭୋଟ' ନୀତି ଅନୁଯାୟୀ ସମାନ ମତାଧିକାର ରହିଥାଏ । ପଦବୀ କିମ୍ବା ପୁଞ୍ଜିର ପରିମାଣ ଉପରେ ନୁହେଁ, ବରଂ ସଦସ୍ୟତା ହିଁ ଭୋଟ ଆଧାର । ସଂସ୍ଥାର ସାଧାରଣ ସଭା ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ମଞ୍ଚ । ସଦସ୍ୟମାନେ ନିଜ ପ୍ରତିନିଧିଙ୍କୁ ଭୋଟ ଦେଇ ନିର୍ବାଚିତ କରନ୍ତି, ଏବଂ ସେହି ପ୍ରତିନିଧିମାନେ ପରିଚାଳନା ପରିଷଦ ଗଠନ କରିଥାନ୍ତି । ଏହି ବ୍ୟବସ୍ଥା ସ୍ୱଚ୍ଛତା, ଦାୟିତ୍ୱ ବୋଧ ତଥା ପାରସ୍ପରିକ ବିଶ୍ୱାସକୁ ସୁଦୃଢ଼ କରେ। ମୋନଡ୍ରାଗନ୍ ସଂସ୍ଥାର ଲାଭ କେବଳ ଲାଭାଂଶ ଭାବେ ବଣ୍ଟନ ହୁଏ ନାହିଁ। ଏହାର ଏକ ଅଂଶ ସଂସ୍ଥାର ବିକାଶ, ଏକ ଅଂଶ ସଦସ୍ୟଙ୍କ ବ୍ୟକ୍ତିଗତ ଖାତାରେ ସଞ୍ଚୟ ହୁଏ । ଅନ୍ୟ ଏକ ଅଂଶ ଶିକ୍ଷା, ଗବେଷଣା, ସାମାଜିକ କଲ୍ୟାଣ ତଥା ନୂତନ ପ୍ରକଳ୍ପରେ ବିନିଯୋଗ କରାଯାଏ । ଆର୍ଥିକ ସଙ୍କଟ ସମୟରେ ମଧ୍ୟ କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି । ଏହି ନୀତି ସଂସ୍ଥାକୁ ଦୀର୍ଘସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳ କରାଇ ପାରିଛି ।

ଫାଦର ହୋସେ ମାରିଆ ବିଶ୍ୱାସ କରୁ ଥିଲେ ଯେ, ଶିକ୍ଷା ବିନା ସମବାୟର ସଫଳତା ସମ୍ଭବ ନୁହେଁ। ସେହି କାରଣରୁ ମୋନଡ୍ରାଗନ୍ ନିଜସ୍ୱ ବିଶ୍ୱବିଦ୍ୟାଳୟ, ପ୍ରଶିକ୍ଷଣ କେନ୍ଦ୍ର ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କରିଛି । । ସେଠାରେ ନୂତନ ପ୍ରଯୁକ୍ତି, ଉତ୍ପାଦନ ପ୍ରଣାଳୀ, ପରିଚାଳନା କୌଶଳର ବିକାଶ ପାଇଁ ନିରନ୍ତର ଗବେଷଣା କରାଯାଇ ଆସୁଛି । ଏହି କାରଣରୁ ମୋନଡ୍ରାଗନ୍ ସମୟ ସହିତ ତାଳ ଦେଇ ନିଜକୁ ପରିବର୍ତ୍ତନ କରି ପାରିଛି ଏବଂ ବିଶ୍ୱ ବଜାରରେ ପ୍ରତିଯୋଗିତା ମୂଳକ ସ୍ଥାନ ବଜାୟ ରଖିଛି । ବିଶ୍ୱସ୍ତରୀୟ ବିକାଶ କ୍ଷେତ୍ରରେ ମୋନଡ୍ରାଗନ୍ କର୍ପୋରେସନ୍ ଶିଳ୍ପ, ଅର୍ଥନୀତି, ଖୁଚୁରା ବ୍ୟବସାୟ, ପ୍ରଯୁକ୍ତି ବିଦ୍ୟା, ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି । ବିଭିନ୍ନ ଦେଶରେ ଏହାର ଉତ୍ପାଦନ କେନ୍ଦ୍ର ସହିତ ଅନେକ ବ୍ୟବସାୟିକ ଶାଖା ରହିଛି । ହଜାର ହଜାର କର୍ମଚାରୀ ଏହି ସମବାୟ ସମିତି ସହ ଜଡ଼ିତ ହୋଇଛନ୍ତି । ବିଶ୍ୱ ଅର୍ଥନୀତିର ଉତ୍ଥାନ-ପତନ ସତ୍ତ୍ୱେ ମଧ୍ୟ ମୋନଡ୍ରାଗନ୍ ନିଜର ସହଯୋଗୀ ଏବଂ ମାନବ କେନ୍ଦ୍ରିକ ନୀତି ବଳରେ ନିଜର ସ୍ଥିରତା ବଜାୟ ରଖିବାକୁ ସକ୍ଷମ ହୋଇଛି। ଏହି ବିଶେଷତା ଗୁଡ଼ିକ ମୋନଡ୍ରାଗନ୍‌କୁ ବିଶ୍ୱ ସମବାୟ ଆନ୍ଦୋଳନର ଏକ ଆଦର୍ଶ ସମବାୟ ସଂସ୍ଥାରେ ପରିଣତ କରି ପାରିଛି ।

ଭାରତରେ ସମବାୟ ଆନ୍ଦୋଳନର ଇତିହାସ ଶତାବ୍ଦୀ ପୁରୁଣା । କୃଷି ଋଣ, ଦୁଗ୍ଧ ଉତ୍ପାଦନ, ଚିନି ଶିଳ୍ପ, ହସ୍ତତନ୍ତ, ମତ୍ସ୍ୟଚାଷ ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ସମବାୟ ସଂସ୍ଥାମାନେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ତଥାପି ଅନେକ ସମବାୟ ସଂସ୍ଥା ଦୁର୍ବଳ ପରିଚାଳନା, ରାଜନୈତିକ ହସ୍ତକ୍ଷେପ, ସ୍ୱଚ୍ଛତାର ଅଭାବ, ସଦସ୍ୟଙ୍କ କମ୍ ଅଂଶଗ୍ରହଣ ତଥା ପ୍ରଶିକ୍ଷଣର ଅଭାବ ଯୋଗୁଁ ଆଶାନୁରୂପ ସଫଳତା ପାଇ ପାରି ନାହାନ୍ତି । ଓଡ଼ିଶାରେ ମଧ୍ୟ ପ୍ରାଥମିକ କୃଷି ଋଣ ସମିତି, ଦୁଗ୍ଧ ସମବାୟ, ମତ୍ସ୍ୟଜୀବୀ ସମବାୟ, ବୁଣାକାର ସମବାୟ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହେଉଛି । କିନ୍ତୁ ଏହି ସଂସ୍ଥା ମାନଙ୍କୁ ଅଧିକ ସ୍ୱଚ୍ଛ, ଆଧୁନିକ କରିବା ସହିତ, ରାଜନୀତିକରଣ ଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ଉଚିତ୍ । ପ୍ରତ୍ୟେକ ଦେଶର ସାମାଜିକ, ଆର୍ଥିକ ଓ ଆଇନଗତ ପରିସ୍ଥିତି ଭିନ୍ନ । ତେଣୁ ଭାରତରେ ଏହାର ମୂଳ ନୀତି, ସହଯୋଗ, ସ୍ୱଚ୍ଛତା, ଶିକ୍ଷା , ଆତ୍ମ ନିର୍ଭରଶୀଳତାକୁ ଅନୁସରଣ କରି ନିଜସ୍ୱ ମଡେଲ୍ ବିକଶିତ କରିବା ଆବଶ୍ୟକ ବୋଲି ହୃଦବୋଧ ହୁଏ। ସମବାୟ ସମିତିର ଶକ୍ତି କେବଳ ପୁଞ୍ଜିରେ ନୁହେଁ; ଏହା ସମିତିର ସଭ୍ୟ , ପାରସ୍ପରିକ ବିଶ୍ୱାସ, ସହଯୋଗ ଏବଂ ସାମୂହିକ ପ୍ରୟାସରେ ନିହିତ ରହିଛି । ମୋନଡ୍ରାଗନ୍‌ର କାହାଣୀ ଆମକୁ ସେହି ସତ୍ୟକୁ ପୁଣିଥରେ ସ୍ମରଣ କରାଇ ଦେଉଛି । ଆମେ କ'ଣ ଚାହିଁଲେ ଆମ ମାନସିକତା ବଦଳାଇ ପାରିବା ନାହିଁ ?

# ଓଡ଼ିଆ ପରମ୍ପରାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆରାଧନା



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର
ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩

ଓଡ଼ିଶା ମାଟିରେ ପର୍ବପର୍ବାଣୀ କେବଳ ଆନନ୍ଦର ଅବସର ନୁହେଁ; ଏହା ଆମ ଜୀବନବୋଧ, ଆସ୍ଥା, ପରମ୍ପରା ଓ କର୍ମ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ। ଏଠାରେ ମାଟି, କାଠ, ଲୁହା, ଯନ୍ତ୍ର, କୃଷି ଉପକରଣ ଠାରୁ ଆରମ୍ଭ କରି ଆଧୁନିକ ପ୍ରଯୁକ୍ତି—ସବୁକିଛି ସହ ମଣିଷର ଏକ ଆତ୍ମୀୟ ସମ୍ପର୍କ ରହିଛି। ସେହି କର୍ମ ଓ ସୃଜନର ପରମ୍ପରାକୁ ଆଧ୍ୟାତ୍ମିକ ଆସ୍ଥା ସହ ଯୋଡ଼ି ଦେଉଥିବା ଏକ ଅନନ୍ୟ ପର୍ବ ହେଉଛି ବିଶ୍ୱକର୍ମା ପୂଜା। ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କୁ ସୃଷ୍ଟି, ନିର୍ମାଣ, ଶିଳ୍ପକଳା ଓ କାରିଗରୀ ଦକ୍ଷତାର ପ୍ରତୀକ ଭାବେ ଆରାଧନା କରାଯାଏ। ପୁରାଣ ଓ ପ୍ରାଚୀନ ଭାରତୀୟ ପରମ୍ପରାରେ ତାଙ୍କୁ ଦେବତାମାନଙ୍କ ଶିଳ୍ପୀ ଭାବେ ସମ୍ମାନ ଦିଆଯାଇଛି। ତାଙ୍କର ଶିଳ୍ପୀସତ୍ତା କେବଳ ନିର୍ମାଣରେ ସୀମିତ ନୁହେଁ; ଏହା ମଣିଷର ସେହି ସୃଜନଶୀଳ ଚେତନାର ପ୍ରତୀକ, ଯାହା ଚିନ୍ତାକୁ ରୂପ ଦିଏ ଓ କଳ୍ପନାକୁ ବାସ୍ତବତାରେ ପରିଣତ କରେ। 'ବିଶ୍ୱକର୍ମା' ନାମରେ ହିଁ ରହିଛି ବିଶାଳ ସୃଷ୍ଟିର ଭାବନା। ଭାରତୀୟ ପୌରାଣିକ ଚେତନାରେ ଦେବଶିଳ୍ପୀ ଭାବେ ତାଙ୍କର ମହିମା ଅନନ୍ୟ। ଦେବତାମାନଙ୍କ ପାଇଁ ଦିବ୍ୟ ନିର୍ମାଣ, ଅସ୍ତ୍ର ଓ ବିଭିନ୍ନ ଶିଳ୍ପସୃଷ୍ଟି ସହ ତାଙ୍କର ନାମ ଜଡ଼ିତ। ତେଣୁ ବିଶ୍ୱକର୍ମା ହେଉଛନ୍ତି ମଣିଷର ସୃଜନଶୀଳ ମେଧା ଓ କାରିଗରୀ ପ୍ରତିଭାର ଏକ ଦୈବୀ ପ୍ରତୀକ।

ଭାରତୀୟ ସଂସ୍କୃତିରେ ଯେଉଁଠି ଶିଳ୍ପୀର ହାତକୁ ସମ୍ମାନ ଦିଆଯାଏ, ସେଇଠି ବିଶ୍ୱକର୍ମାଙ୍କ ଆରାଧନାର ଅର୍ଥ ଅଧିକ ଗଭୀର ହୋଇଯାଏ। କାରଣ ଜଣେ କାରିଗର ନିଜ ହାତର କୌଶଳରେ ଯେଉଁ ରୂପ ସୃଷ୍ଟି କରନ୍ତି, ତାହା କେବଳ ଏକ ବସ୍ତୁ ନୁହେଁ—ସେଥିରେ ତାଙ୍କର ଜ୍ଞାନ, ଅଭିଜ୍ଞତା, ଧୈର୍ଯ୍ୟ ଓ ଶ୍ରମ ମିଶିଥାଏ। ଓଡ଼ିଶାରେ ବିଶ୍ୱକର୍ମା ପୂଜାର ଏକ ସ୍ୱତନ୍ତ୍ର ଲୋକଚରିତ୍ର ରହିଛି। ବିଭିନ୍ନ କାରଖାନା, ୱର୍କସପ୍, ଗ୍ୟାରେଜ୍, ନିର୍ମାଣ ପ୍ରତିଷ୍ଠାନ, ଶିଳ୍ପାନୁଷ୍ଠାନ, ପରିବହନ ସଂସ୍ଥା ଓ ଯାନ୍ତ୍ରିକ କାର୍ଯ୍ୟସ୍ଥଳରେ ଏହି ପୂଜା ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରାଯାଏ। ପୂଜା ପୂର୍ବରୁ ଯନ୍ତ୍ରପାତି ଓ କାର୍ଯ୍ୟସ୍ଥଳକୁ ସଫାସୁତୁରା କରିବା ଏହାର ଏକ ପ୍ରମୁଖ ଚଳଣି। ଦୈନନ୍ଦିନ କାମରେ ଧୂଳି, ତେଲ ଓ ମଇଳାରେ ଆବୃତ ଥିବା ଯନ୍ତ୍ରଗୁଡ଼ିକୁ ସଫା କରାଯାଏ। ଗାଡ଼ି, ମେସିନ୍, ଟୁଲ୍ସ, ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ଉପକରଣକୁ ଫୁଲ, ଚନ୍ଦନ, ରଙ୍ଗିନ କାଗଜ ଓ ଅନ୍ୟାନ୍ୟ ସାଜସଜ୍ଜାରେ ସଜାଯାଏ। ପୂଜାସ୍ଥଳରେ ବିଶ୍ୱକର୍ମାଙ୍କ ପ୍ରତିମା କିମ୍ବା ଚିତ୍ର ସ୍ଥାପନ କରାଯାଇ ଧୂପ, ଦୀପ, ଫୁଲ ଓ ନୈବେଦ୍ୟ ଅର୍ପଣ କରାଯାଏ। ଅନେକ ସ୍ଥାନରେ ପୂଜାକୁ କେନ୍ଦ୍ର କରି ସାମୂହିକ ଭୋଜି, ପ୍ରସାଦ ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ହୁଏ। କାର୍ଯ୍ୟସ୍ଥଳର ସହକର୍ମୀମାନେ ଏକାଠି ହୋଇ ଉତ୍ସବ ପାଳନ କରିବା ଦ୍ୱାରା ଏହି ପର୍ବ ଏକ ପରିବାର ଭଳି ଆତ୍ମୀୟତା ସୃଷ୍ଟି କରେ। ବିଶ୍ୱକର୍ମା ପୂଜାର ସବୁଠାରୁ ବଡ଼ ତାତ୍ପର୍ଯ୍ୟ ଏହାର ପ୍ରତୀକାତ୍ମକତାରେ। ଆମେ ଯେତେବେଳେ ଯନ୍ତ୍ରକୁ ପୂଜା କରୁ, ସେତେବେଳେ ପ୍ରକୃତରେ ଯନ୍ତ୍ର ପଛରେ ଥିବା ମଣିଷର ଜ୍ଞାନ ଓ ଶ୍ରମକୁ ମଧ୍ୟ ସମ୍ମାନ କରୁ । ଗୋଟିଏ ଗାଡ଼ି ଚାଲେ ଚାଳକଙ୍କ ଦକ୍ଷତାରେ, ଏକ ମେସିନ୍ ଚାଲେ ଟେକ୍ନିସିଆନଙ୍କ ଜ୍ଞାନରେ, ଏକ କାରଖାନା ଚାଲେ ଶ୍ରମିକଙ୍କ ପରିଶ୍ରମରେ ଏବଂ ଏକ ନୂଆ ଯନ୍ତ୍ର ଜନ୍ମ ନିଏ ଇଞ୍ଜିନିୟରଙ୍କ ଚିନ୍ତାରୁ। ତେଣୁ ଏହି ପୂଜାର ମୂଳ ବାର୍ତ୍ତା ହେଉଛି—ଶ୍ରମକୁ ଅବହେଳା ନୁହେଁ, ଶ୍ରମକୁ ସମ୍ମାନ। ଓଡ଼ିଆ ସଂସ୍କୃତିରେ ଏହି ଚେତନାର ମୂଳ ବହୁ ପୁରୁଣା। ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ପଟ୍ଟଚିତ୍ର, ପଥର ଖୋଦେଇ, କାଠ କାମ, ଧାତୁଶିଳ୍ପ, ନୌକା ନିର୍ମାଣ ଓ ଅନ୍ୟାନ୍ୟ ପାରମ୍ପରିକ କାରିଗରୀରେ ଓଡ଼ିଶାର ଶିଳ୍ପୀମାନେ ନିଜର ଅସାଧାରଣ ପ୍ରତିଭାର ପରିଚୟ ଦେଇଆସିଛନ୍ତି। ସେହି ସୃଜନଶୀଳ ଶ୍ରମର ଧାରାରେ ବିଶ୍ୱକର୍ମା ଆରାଧନା ଏକ ସାଂସ୍କୃତିକ ସେତୁ ପରି କାମ କରେ। ସମୟ ବଦଳିଛି। କାଠ ଓ ଲୁହାର ସାଧାରଣ ଉପକରଣର ସ୍ଥାନ ନେଇଛି ଅତ୍ୟାଧୁନିକ ମେସିନ୍। କମ୍ପ୍ୟୁଟର, ରୋବୋଟିକ୍ସ, ଅଟୋମେସନ୍, ଡିଜିଟାଲ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତ୍ତା ଆଜି ମଣିଷର କାର୍ଯ୍ୟପଦ୍ଧତିକୁ ବଦଳାଇ ଦେଉଛି। କିନ୍ତୁ ବିଶ୍ୱକର୍ମା ପୂଜାର ମୂଳ ଚେତନା ବଦଳି ନାହିଁ।

ବରଂ ଏହି ନୂଆ ଯୁଗରେ ଏହାର ପ୍ରାସଙ୍ଗିକତା ଆହୁରି ବଢ଼ିଛି। ପ୍ରଯୁକ୍ତି ଆମକୁ ଶକ୍ତି ଦେଇଛି; ଏହାକୁ କିପରି ମାନବ କଲ୍ୟାଣରେ ବ୍ୟବହାର କରିବା, ସେ ଦାୟିତ୍ୱ ମଣିଷର। ଯନ୍ତ୍ର ଆମର ସହଯୋଗୀ ହେଉ, ମାନବିକତାର ବିକଳ୍ପ ନୁହେଁ—ବିଶ୍ୱକର୍ମାଙ୍କ ଆରାଧନା ଆମକୁ ଏହି ସନ୍ତୁଳନର କଥା ମନେ ପକାଇ ଦିଏ। ବିଶ୍ୱକର୍ମା ପୂଜା ଆମକୁ ଆଉ ଏକ ମୂଲ୍ୟବାନ ଶିକ୍ଷା ଦିଏ, କୌଣସି ସତ୍ କର୍ମ ଛୋଟ ନୁହେଁ। ଯେଉଁ ହାତ ମେସିନ୍ ମରାମତି କରେ, ଯେଉଁ ହାତ ଗାଡ଼ି ତିଆରି କରେ, ଯେଉଁ ହାତ ଘର ଓ ସେତୁ ନିର୍ମାଣ କରେ, ଯେଉଁ ମସ୍ତିଷ୍କ ନୂଆ ପ୍ରଯୁକ୍ତିର ପରିକଳ୍ପନା କରେ—ସମସ୍ତଙ୍କ ଶ୍ରମ ମିଶି ଗଢ଼େ ଆମ ସଭ୍ୟତା। ସେଥିପାଇଁ ବିଶ୍ୱକର୍ମାଙ୍କୁ ଫୁଲ ଅର୍ପଣ କରିବା ସହିତ ଯଦି ଆମେ ଜଣେ କାରିଗରଙ୍କୁ ସମ୍ମାନ କରିପାରିବା, ଜଣେ ଶ୍ରମିକଙ୍କ ଅଧିକାରକୁ ସମ୍ମାନ କରିପାରିବା, ନିଜ କାମକୁ ସଚ୍ଚୋଟତାର ସହ କରିପାରିବା—ତେବେ ହିଁ ବିଶ୍ୱକର୍ମା ପୂଜାର ପ୍ରକୃତ ଅର୍ଥ ସାର୍ଥକ ହେବ।

ତେଣୁ ବିଶ୍ୱକର୍ମାଙ୍କ ଆରାଧନା କେବଳ ଏକ ପ୍ରତିମା ସମ୍ମୁଖରେ ଧୂପ ଓ ଦୀପ ଜଳାଇବା ନୁହେଁ। ଏହା ହେଉଛି ନିଜ କର୍ମକୁ ପବିତ୍ର ଭାବିବାର ସଂକଳ୍ପ; ନିଜ ଦକ୍ଷତାକୁ ଆହୁରି ଶାଣିତ କରିବାର ପ୍ରେରଣା; ଏବଂ ନିଜ ଶ୍ରମରେ ସମାଜ ପାଇଁ କିଛି ସୃଷ୍ଟି କରିବାର ଏକ ନିରବ ପ୍ରତିଜ୍ଞା। ଆକାଶଛୁଆଁ ଅଟ୍ଟାଳିକା ଠାରୁ ଛୋଟ କାରିଗରଙ୍କ ହାତୁଡ଼ି ପର୍ଯ୍ୟନ୍ତ, ବିଶାଳ କାରଖାନାର ମେସିନ ଠାରୁ ଆଜିର ଡିଜିଟାଲ ଯନ୍ତ୍ର ପର୍ଯ୍ୟନ୍ତ, ସବୁଠି ରହିଛି ମଣିଷର ସୃଜନଶୀଳତା। ସେହି ସୃଜନଶୀଳତାର ଦେବତାଙ୍କ ଚରଣରେ ଆଜି ଆମେ ଶ୍ରଦ୍ଧାର ଅର୍ଘ୍ୟ ଅର୍ପଣ କରୁଛନ୍ତି। ତେବେ ବିଶ୍ୱକର୍ମାଙ୍କ ପୂଜା କେବଳ ଯନ୍ତ୍ରର ପୂଜା ନୁହେଁ; ଏହା ଜ୍ଞାନର ପୂଜା, ଦକ୍ଷତାର ପୂଜା, ଶ୍ରମର ପୂଜା ଓ ସୃଜନଶୀଳ ମଣିଷର ପୂଜା। ଦେବଶିଳ୍ପୀଙ୍କ ଆରାଧନାରେ ଓଡ଼ିଆ ପରମ୍ପରା ଆମକୁ ସେହି ଚିରନ୍ତନ ବାର୍ତ୍ତା ଦିଏ—କର୍ମ ହିଁ ସାଧନା, ଦକ୍ଷତା ହିଁ ଶକ୍ତି ଏବଂ ସୃଷ୍ଟି ହିଁ ମଣିଷର ଶ୍ରେଷ୍ଠ ପରିଚୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଅସରନ୍ତି ଅପେକ୍ଷା...



**ଡ. ସନ୍ତୋଷ କୁମାର ପଣ୍ଡା**

ସଞ୍ଜ ନଇଁ ଆସୁଥିଲା। ଗାଁ ଦାଣ୍ଡରେ ତୁଳସୀ ଚଉରା ମୂଳେ ସଞ୍ଜବତୀ ଜାଳି ବୋଉ କାନି ମୁଣ୍ଡରେ ଦେଇ ପ୍ରଣାମ କରୁଥିଲା। ସେହି ସମୟରେ ବାହାର କବାଟ ଖୋଲି ଘର ଭିତରକୁ ପାଦ ବଢ଼ାଇଲା ସୁମନ୍ତ। ବହୁତ ଦିନ ପରେ ସହରରେ ପାଠ ପଢୁଥିବା ସୁମନ୍ତ ଗାଁକୁ ଫେରିଥିଲା। କାନ୍ଧରୁ ବ୍ୟାଗ୍ ତଳେ ଥୋଇ ସେ ଡାକିଲା, 'ବୋଉ!'

ଡାକ ଶୁଣୁ ଶୁଣୁ ବୋଉ ଧାଇଁ ଆସିଲା। ବାର୍ଦ୍ଧକ୍ୟ ଯୋଗୁଁ ଝୁଙ୍କି ପଡ଼ିଥିବା ଦେହ ଆଉ ଆଖିରେ ଅସରନ୍ତି ସ୍ନେହ। ସୁମନ୍ତକୁ ଦେଖି ତାର ମୁହଁ ଖୁସିରେ ଉଜ୍ଜ୍ୱଳ ହୋଇଉଠିଲା। ସେ ତାର କୋମଳ ହାତରେ ସୁମନ୍ତର ଗାଲକୁ ଆଉଁସି ଦେଇ କହିଲା, 'ବାପାରେ! ଆସିଗଲୁ? ତୋ ମୁହଁଟା କେମିତି ଶୁଖି କଳା ପଡ଼ିଗଲାଣି! ସହରରେ ଠିକ୍ ସମୟରେ ଖିଆପିଆ କରୁଛୁ ନା ନାହିଁ କେଜାଣି!'

ସୁମନ୍ତ ଟିକେ ହସି ଦେଇ କହିଲା, 'ମୁଁ ଭଲରେ ଅଛି ବୋଉ। ତୁ ଜମା ବ୍ୟସ୍ତ ହୁଅନା।' କିନ୍ତୁ ବୋଉର ମନ ମାନିବାକୁ ନାରାଜ। ସେ ତୁରନ୍ତ ତାକୁ ପିଣ୍ଡାରେ ବସାଇ ପାଦ ଧୋଇବା ପାଇଁ ପାଣି ଆଣିଦେଲା ଏବଂ ରୋଷେଇ ଘର ଆଡ଼କୁ ଚାଲିଗଲା।

ରାତିରେ କଂସା ଥାଳିରେ ଧୂଆଁ ଉଠୁଥିବା ଗରମ ଭାତ, କୋଳଥ ଡାଲି, ଆଳୁ ବାଇଗଣ ଭରତା, ବଡ଼ି ଚୁରା ଆଉ ପୁଅର ପ୍ରିୟ ପୋଟଳ ରସା ବାଢ଼ିଦେଇ ବୋଉ ପାଖରେ ବସିଲା। ସୁମନ୍ତ ଖାଉ ଖାଉ ପଚାରିଲା, 'ବୋଉ, ତୋ ପାଇଁ କାହିଁକି ବାଢ଼ିଲୁନି ଯେ? ତୁ ଖାଇବୁନି କି?'

ବୋଉ ମିଠା ହସଟିଏ ହସି କହିଲା, 'ତୁ ପେଟ ପୂରେଇ ଖାଇଦେ ବାପା, ତୋ ପେଟ ପୂରିଲେ ମୋ ପେଟ ଆପେ ଆପେ ପୂରିଯାଏ। ତୋ ପାଇଁ ରୋଷେଇ କଲାବେଳେ ହିଁ ମୋ ଭୋକ ମରିଯାଇଛି।' ଏହି ପଦକ କଥା ସୁମନ୍ତର ଛାତିକୁ ଛୁଇଁଗଲା। ସେ ଜାଣିଥିଲା, ସହରର ଦାମୀ ରେଷ୍ଟୁରାଣ୍ଟର ଖାଦ୍ୟରେ ସ୍ୱାଦ ଥାଇପାରେ, କିନ୍ତୁ ବୋଉ ହାତର ଏହି ସାଧା ରୋଷେଇରେ ଯେଉଁ ଅମୃତଭରା ମମତା ଅଛି, ତାହା ପୃଥିବୀର କୌଣସି ଜାଗାରେ ମିଳିବ ନାହିଁ।

ଖାଇସାରି ବିଛଣାରେ ଶୋଇବା ପରେ ସୁମନ୍ତ ଦେଖିଲା ବୋଉ ଆସି ତାର ମୁଣ୍ଡ ପାଖରେ ବସିଛି। ବୋଉର କୁଞ୍ଚିତ ହାତ ଯେତେବେଳେ ତା'ର ମୁଣ୍ଡ ବାଳରେ ସ୍ନେହରେ ଚାଲିବାକୁ ଲାଗିଲା, ପାଠର ସବୁ ଚାପ, କ୍ଲାନ୍ତି ଓ ସହରର ଅଶାନ୍ତି ମୁହୂର୍ତ୍ତକ ମଧ୍ୟରେ ଉଭେଇଗଲା। ସେ ବୋଉର କୋଳରେ ମୁଣ୍ଡ ରଖି କୋହଭରା କଣ୍ଠରେ କହିଲା, 'ବୋଉ, ମୁଁ ଏତେ ବଡ଼ ହୋଇଗଲେ ବି ତୋ ପାଖକୁ ଆସିଲେ ପୁଣି ସେଇ ଛୋଟ ପିଲାଟିଏ ହୋଇଯାଏ।'

ବୋଉ ତାର ମଥାକୁ ଚୁମି ଦେଇ ଧୀର ସ୍ୱରରେ କହିଲା, 'ମା' ପାଇଁ ପିଲା କେବେ ବଡ଼ ହୁଏନାରେ ଧନ। ତୁ ଯେତେ ବଡ଼ ଅଫିସର ହୁଅ ବା ଯେତେ ଦୂରକୁ ଯାଅ, ଏଇ କୋଳ ତୋ ପାଇଁ ସବୁବେଳେ ଖୋଲା ଥିବ।'

ଝରକା ବାଟେ ଜହ୍ନ ଆଲୁଅ ଘର ଭିତରକୁ ଝରି ପଡୁଥିଲା। ବୋଉର ସେହି ଅପରିସୀମ ବାତ୍ସଲ୍ୟ ଭରା କୋଳରେ ମୁଣ୍ଡ ଗୁଞ୍ଜି ସୁମନ୍ତ ବହୁତ ଦିନ ପରେ ଶାନ୍ତିର ନିଦରେ ଶୋଇପଡ଼ିଲା। ମାତୃତ୍ୱର ସେହି ପବିତ୍ର ସ୍ପର୍ଶ ପାଖରେ ସଂସାରର ସବୁ ସୁଖ ଯେମିତି ତୁଚ୍ଛ ମନେ ହେଉଥିଲା। ସମୟ ବିତିଯାଇଛି। ସୁମନ୍ତର ପଢ଼ା ଶେଷ ହୋଇଛି। ଭଲ ଚାକିରିଟିଏ ମଧ୍ୟ ପାଇଛି। ଏବେ ସେ ବିବାହିତ।

ବାହାଘର ପରେ ସହରୀ ଚାକଚକ୍ୟ ଓ ପତ୍ନୀଙ୍କ ଜିଦ୍ ଆଗରେ ହାର ମାନି ସୁମନ୍ତ ଯେଉଁଦିନ ଗାଁ ଘର ଛାଡ଼ି ଚାଲିଯାଇଥିଲା, ସେଦିନ ବୋଉ ଦାଣ୍ଡ ଦୁଆରେ ଠିଆ ହୋଇ ଲୁହ ଛଳଛଳ ଆଖିରେ କେବଳ ଏତିକି କହିଥିଲା, 'ବାପାରେ! ତୁ ଯେଉଁଠି ଥାଆ, ଭଲରେ ଥାଆ... କିନ୍ତୁ ବୁଢ଼ୀ ମାଆ କଥା ମନେ ପଡ଼ିଲେ ଥରେ ଆସିବୁ, ମୁଁ ଏଇ କବାଟ ଆଉଜି ତୋ ବାଟକୁ ଚାହିଁ ରହିଥିବି।'

ସେଦିନ ଅହଂକାର ଆଉ ନୂଆ ସଂସାରର ମୋହରେ ସୁମନ୍ତ ପଛକୁ ଫେରି ଚାହିଁନଥିଲା। ବର୍ଷ ପରେ ବର୍ଷ ବିତିଗଲା। ସହରର ବଡ଼ ବଙ୍ଗଳା, ଗାଡ଼ି, ପ୍ରତିଷ୍ଠା ଭିତରେ ମଧ୍ୟ ସୁମନ୍ତର ମନରେ ଗୋଟିଏ ଅଜଣା ଅଶାନ୍ତି ରହିଯାଇଥିଲା। ଦିନେ ଘରେ ଘଟିଥିବା ପାରିବାରିକ ଝଡ଼ ଓ ସ୍ୱାର୍ଥପର ଦୁନିଆର ପ୍ରକୃତ ଚେହେରା ଦେଖିବା ପରେ ତାର ହୃଦୟ ଭାଙ୍ଗି ଚୁରମାର୍ ହୋଇଗଲା। ତାକୁ ଅନୁଭବ ହେଲା, ସାରା ସଂସାରରେ ଯଦି କେହି ବିନା ସ୍ୱାର୍ଥରେ ତାକୁ ଭଲ ପାଉଥିଲା, ସେ କେବଳ ତାର ବୋଉ।

ଅନୁତାପର ନିଆଁରେ ଜଳୁଥିବା ସୁମନ୍ତ ଦିନେ ଗାଁ ଆଡ଼କୁ ଗାଡ଼ି ଛୁଟାଇଲା। ଆଖିରୁ ଝରି ପଡୁଥିବା ଲୁହ ସହ ମନେ ମନେ କହୁଥିଲା, 'ବୋଉ, ମୋତେ କ୍ଷମା କରିଦେ... ମୁଁ ତୋତେ ଆଉ କେବେ ଏକା ଛାଡ଼ିବିନି, ତୋ କୋଳରେ ମୁଣ୍ଡ ରଖି ମୋର ସବୁ ଭୁଲ୍ ମାନିନେବି।'

ଗାଁରେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ଆସିଥିଲା। ଘର ଆଗରେ ଅସ୍ୱାଭାବିକ ନୀରବତା। ଦୁଆର ମୁହଁରେ କବାଟକୁ ଆଉଜି ବସି ରହିଥିଲା ବୋଉ। ତାର ଜୀର୍ଣ୍ଣ ଶୀର୍ଣ୍ଣ ଶରୀର, କାନିଟି ତଳେ ଲୋଟି ପଡ଼ିଥିଲା ଏବଂ ଦୃଷ୍ଟି ସେହି ଦାଣ୍ଡ ଉପରେ ସ୍ଥିର ହୋଇ ରହିଥିଲା।

ସୁମନ୍ତ ଗାଡ଼ିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ଯାଇ ବୋଉର ପାଦ ତଳେ କଚାଡ଼ି ହୋଇ ପଡ଼ିଲା। କୋହଭରା କଣ୍ଠରେ ଚିତ୍କାର କରି କହିଲା, 'ବୋଉ, ଏ ବୋଉ! ଦେଖ୍ ତୋ ଅଧମ ପୁଅ ଫେରି ଆସିଛି। ମୋର ସବୁ ଭୁଲ୍ ହୋଇଯାଇଛି ବୋଉ, ଦେଖ ମୁଁ କାନ ଧରୁଛି, ତୋ ଗୋଡ଼ ଧରୁଛି। ତୋତେ ଛାଡ଼ି ଯାଇ ମୁଁ ବଡ଼ ପାପ କରିଛି। ଥରେ ଆଖି ଖୋଲି ମୋତେ ଚାହାଁ ବୋଉ, ଥରେ ତୋ ମୁହଁରୁ 'ବାପା ବୋଲି ଡାକିଦେ, ଧନ ବୋଲି ଡାକିଦେ!'

ସୁମନ୍ତ ବୋଉର ହାତକୁ ନିଜ ଛାତିରେ ଚାପି ଧରିଲା, କିନ୍ତୁ ସେ ହାତ ଥିଲା ବରଫ ଭଳି ଥଣ୍ଡା। ବୋଉର ଆଖି ପତା ପଡୁନଥିଲା। ସେହି ଉନ୍ମୁକ୍ତ ନିଷ୍ପନ୍ଦ ଆଖିରେ ଥିଲା କେବଳ ଗୋଟିଏ ଅପେକ୍ଷା-ପୁଅର ଫେରିବା ବାଟକୁ ଚାହିଁ ଚାହିଁ କେତେବେଳେ ଯେ ତାର ପ୍ରାଣବାୟୁ ଉଡ଼ିଯାଇଥିଲା, କେହି ଜାଣିନଥିଲେ। ମରିବା ପୂର୍ବରୁ ବି ତାର ମୁହଁରେ ଥିଲା ଅପେକ୍ଷାର ସେହି ମମତାଭରା ଛାପ।

'ବୋଉ ଲୋ... ତୋ ପୁଅ ଆସିବାକୁ ଡେରି କରିଦେଲା ନା'...! ସୁମନ୍ତ ବୋଉର ନିର୍ଜୀବ ଦେହକୁ ଜାବୁଡ଼ି ଧରି ବାହୁନି ବାହୁନି କାନ୍ଦିବାକୁ ଲାଗିଲା। କିନ୍ତୁ ସେଦିନ ତାର ଲୁହ ପୋଛିଦେବାକୁ ବୋଉର ସେହି କୋମଳ ହାତ ଆଉ କାନି ଚଳପ୍ରଚଳ ହେଉନଥିଲା। ଶୂନ୍ୟ ଆକାଶ ତଳେ କେବଳ ରହିଯାଇଥିଲା ପୁଅର ଅସହାୟ କ୍ରନ୍ଦନ ଆଉ ମାଆର ଅସରନ୍ତି ଅପେକ୍ଷା।

*କଟକ*
*ମୋ-୮୨୪୯୦୨୧୪୨୪*



## କାଳାତୀତ

**ଶରତ ଦାଶ**

କେତେ ରାତ୍ରି ବିତିଲାଣି
ବିନା ନିଦ୍ରା ବିନା ସପନରେ
କେତେ ସ୍ୱପ୍ନ ନେଲେଣି ସମାଧି
ସମୟର ଦଗ୍ଧ ସିକତାରେ ।।
କେତେ ଆଶା ଗଲାଣି ମଉଳି
ବିନା ଜଳ ବିନା ଆଲୋକରେ
କେତେ ଭାଷା ଲଭିଲାଣି ମୃତ୍ୟୁ
ବିନା ବାକ୍ୟ ବିନା କାହାଣୀରେ ।।
କେତେ ଗ୍ରୀଷ୍ମ ବର୍ଷା ଶୀତ
ବସନ୍ତ ବି ନେଲେଣି ବିଦାୟ
ନୟନ ଲୋତକ ଧାରା
ରଚିଲେଣି ମେଘର ପ୍ରଳୟ ।।
କେତେ ପ୍ରଥା ପରମ୍ପରା
ଅନ୍ତର୍ହିତ ସମାଜର ନଭୁ
କେତେ ସ୍ମୃତି ବିସ୍ମରିତ
ଭାବନାର ଅତଳ ଗରଭୁ ।।
କେତେ ବର୍ଷ ମାସ ଦିନ
ଜୀବନର ପରିଧି ବାହାରେ
ଅନେକ ପଛରେ ରହି
ବେଳେବେଳେ ଦିଶେ ହାତ ଠାରେ ।।
କେତେ ଲୋଭ ମୋହ ମାୟା
ଧୀରେ ଧୀରେ ଛାଡ଼ିଲେଣି ହାତ
କେତେ କଳ୍ପନାର ତନୁ
ଏବେ ରିକ୍ତ ହୋଇ କାଳାତୀତ ।।
ଫିକା ପଡି ଆସିଲାଣି ରଙ୍ଗ
ଆକାଶରେ ଧୂସର ବାଦଲ
କଜଳ ବସନେ ଆସେ ରାତ୍ରିପ୍ରିୟା
ବକ୍ଷେ ତାର ଅନ୍ଧାରର ଝୁଲ ।।
ଆଉ ନାହିଁ ବେଶୀ ବେଳ
ଆଲୋକର ସରିଲାଣି ଲୀଳା
ଭାଗ୍ୟର ଆକାଶେ ଆଉ
ଇନ୍ଦ୍ରଧନୁ କରୁନାହିଁ ଖେଳା ।।
ବେଣୁଧର ବେଣୁହସ୍ତେ
ଆସିବାକୁ କରିଛି ପ୍ରତୀକ୍ଷା
ଆଲୋକରେ ଅନ୍ଧକାରେ
ଭରସା ତ କଳାକାହ୍ନୁ ଏକା ।।

*ଭୁବନେଶ୍ୱର*



## ବିରହ ଗୀତି

**ସିଦ୍ଧେଶ୍ୱର ତ୍ରିପାଠୀ**

ଦିନର ଆଲୁଅ ସଞ୍ଜକୁ ରହେନି
ସକାଳକୁ ଜହ୍ନ ରାତି
ମୁଁ କିନ୍ତୁ କାହିଁକି ସାଇତି ରଖିଛି
ଛାତି ତଳେ ତୁମ ସ୍ମୃତି।

ନଈପାଣି ଯାଇ ମିଶେ ସାଗରରେ
ଋତୁ ପରେ ଋତୁ ଯାଏ
ତୁମେ ଭୁଲିଲଣି କାହିଁ କେଉଁକାଳୁ
ମୁଁ କାହିଁକି ଭଲପାଏ ।

ଲିଭାଇ ଯାଇଛ ପ୍ରେମ ଦୀପାଳିକୁ
କାହିଁକି ଝୁରେ ମୁଁ ନିତି
ଦିନର ଆଲୁଅ ସଞ୍ଜକୁ ରହେନି
ସକାଳକୁ ଜହ୍ନ ରାତି ।

ସେପଟରେ ତୁମେ ନୂଆ ସଂସାରରେ
ମୁଁ ଝୁରେ ପୁରୁଣା ଦିନ
ସହଜରେ ତୁମେ ସବୁ ଭୁଲିଗଲ
ବୁଝେନାହିଁ ଏଇମନ ।

ତୁମେ ଗାଇଲଣି ପୀରତି ସଙ୍ଗୀତ
ମୁଁ ଗାଏ ବିରହ ଗୀତି
ଦିନର ଆଲୁଅ ସଞ୍ଜକୁ ରହେନି
ସକାଳକୁ ଜହ୍ନ ରାତି ।

*ଖୋର୍ଦ୍ଧା*

## ଆଞ୍ଜୁଳେ ଭୋଦୁଅ

**ଦେବାଶିଷ ଚକ୍ରବର୍ତ୍ତୀ**

**କାଶତଣ୍ଡୀ**
ଅଶିଣ ଆସିବା ପାଇଁ କି ଯଦିଓ
ଆଉ କିଛି ଦିନ ରହିଛି ବାକି
କାଶତଣ୍ଡୀ ଆଖି ମିଟିକା ମାରୁଛି
ଭୋଦୁଅ ଅତର ଦିହରେ ମାଖି।

**ଜହ୍ନିଫୁଲ**
ଝଟାବାଡେ ଥାଇ ଜହ୍ନିଫୁଲ ଯେବେ
ପାଖୁଡା ମେଲାଇ ଦିଅଇ ହସି
ମନେ କି ହୁଏନି ସଞ୍ଜ ଗଭାରେ
ସୁନାଫୁଲ କିଏ ଦେଇଛି ଖୋସି ?

**ନଈ**
ବରଷା ପରଶ ପାଇ କରି ଯେବେ
କୂଳ ଲଘିଥାଏ ଫୁଲେଇ ନଈ
ଘାଇ ତଳେ ଥିବା ମଣିଷ ମନରେ
ଦୁଶ୍ଚିନ୍ତା ଆସିଥାଏ ଘନେଇ ।

**ଗଙ୍ଗଶିଉଳି**
ସଞ୍ଜରେ ଫୁଟି ଖରାର ହଳଦୀ
ମାଖିବା ଆଗରୁ ଯାଅଇ ଝରି
ଅଭାବୀ ମନର ସ୍ୱପ୍ନ ଯେପରି
ଆପେ ମଉଳଇ ଫୁଟି ନପାରି।

**ଲଘୁଚାପ**
ଭୋଦୁଅ ମାସର ନିରିମଳ ଶୋଭା
ଲଘୁଚାପ ମେଘ ଦିଏ ଉଜାଡି
ନିରାଶା ଝଡରେ ଝଡ଼ଇ ଯେପରି
ନିଆଶୀ ମନରୁ ଆଶାର କଡ଼ି।

*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ-୯୪୩୭୭୫୨୩୯୫*

## ମୋ ଗାଁ ମାଟି

**ପବିତ୍ର କୁମାର ସାହୁ**

ମୋ ଗାଁ ମାଟି ମାଆର କୋଳ
ସ୍ନେହ ମମତା ଝର,
ପାଣି ପବନ ବାଲିର ଘର
ଏହି ସରଗ ପୁର ॥ ୧
ନାଲି ମୁରୁଜ ବିଛେଇ ଦେଇ
ସୂରୁଜ ମୁଣ୍ଡ ଟେକେ,
ଗାଆଁଟି ମୋର ରଙ୍ଗ ତୂଳୀରେ
ସବୁଜ ଛବି ଆଙ୍କେ ॥୨
ତା' ବଣ ଲତା ଫୁଲ ମହକ
ବର ଓହଳ ଦୋଳି
ପଡୁଛି ମନେ ସାଙ୍ଗ ମେଳରେ
କଣ୍ଟା ବଇଁଚ କୋଳି ॥୩
ଖରା ବେଳରେ ନଈରେ ଡିଆଁ
ଗଡ଼ିଆ ମାଛ ଧରା,
ସପନା ଜେଜେ ପଢ଼େ ପୁରାଣ
ଭାବରେ ବୁଡ଼ି ଭରା ॥୪
ରଜର ଦୋଳି ମିଠା ଚକୁଳି
ବୋହୂଚୋରିକା ଖେଳ,
ଚାଟଶାଳୀରେ ତୋଟା ମାଳରେ
ବିତିଛି କେତେ କାଳ ॥୫
ଖରାକୁ ଦେଖି କଷି କାକୁଡ଼ି
ଆଖି ମିଟିକା ମାରେ ।
ବଉଳ ଚମ୍ପା ମଧୁ ମାଳତୀ
ପଳାଶ ମନ ହରେ ॥୬
ବେଳ ବୁଡିଲେ ମଠ ମନ୍ଦିରୁ
ଶଙ୍ଖ କର୍ତ୍ତାଳ ଶୁଭେ ।
ମାଆ ମୋହର ବାଟକୁ ଚାହିଁ
ନିଇତି ବସି ଭାବେ ॥୭
ବାଡ଼ି ଶଜନା ବାସି ପଖାଳ
ପେଟର ଭୋକ ତୋଷେ ।
କାଦୁଅ ପାଣି ଧାନ କିଆରି
କୁଟୁମ୍ବ ମୋର ପୋଷେ ॥୮
ମାଆ କୋଳରେ ସରଗ ଶଶୀ
ବାପା କାନ୍ଧେ ଦୁନିଆଁ ।
ଦେଖି ମୁଁ ଥିଲି ଗହୀର ବିଲ
ମୁଗ ବିରି ମାଣ୍ଡିଆ ॥୯
ମଥାରେ ନାଲି ସିନ୍ଦୂର ପିନ୍ଧି
କୃଷ୍ଣଚୂଡ଼ା ହସଇ ।
ହଳଦୀ ମାଖି ସୋରିଷ କ୍ଷେତ
ହାତଠାରି ଡାକଇ ॥୧୦
ମଙ୍ଗଳା ଓଷା ଅଷ୍ଟ ପ୍ରହରୀ
ଆସିଲେ ହୋଲି ଖେଳ ।
ରାଗ ରୁଷାକୁ ଆଡ଼େଇ ଦେଇ
ହୁଅନ୍ତି ସବୁ ଠୁଳ ॥୧୧
କାଶତଣ୍ଡୀର ଧଳା ଚାଦର
ବିଛେଇ ମୋ ଗାଁ ହସେ ।
ଲାଜେଇ ଯାଇ ନୂଆ ବୋହୂଟି
ଓଢ଼ଣା ଟାଣି ବସେ ॥୧୨
ଅମୃତ ଫଳ ଖୁଆଇ ମୋତେ
ନିଜର କରି ନେଲୁ ।
ତୋ କୋଳେ ଧରି ଆଦର କରି
ଛୋଟରୁ ବଡ଼ କଲୁ ॥୧୩
ନଡ଼ା ଛପର ମାଟିର ଘର
ବାଡ଼ି ଦୁଆର ଚୁଲି।
ତା' ଦାଣ୍ଡ ଧୂଳି ବାସ ଚନ୍ଦନ
କିଏବା ଯିବ ଭୁଲି ॥୧୪
ଏହି ମାଟିରେ ଜନମ ମୋର
ଏଇଠି ଷଠି ଘର।
ଏହି ମୋ ମାଆ ପଣତ କାନି
ଏହି ମନ୍ଦିର ମୋର ॥୧୫

*ସଂସ୍କୃତ ଶିକ୍ଷକ, ଅତାସାହି, ଘଷିପୁରା, କେନ୍ଦୁଝର*
*ମୋ- ୯୭୭୭୫୬୦୯୨୧*

## ବିକଳ ଏକାକୀତ୍ୱ

**ସାରଥି ପଣ୍ଡା**



ଦିନରେ ତ ସବୁ ଠିକ୍ ଥିଲା
ନିର୍ମଳ ଥିଲା ଆକାଶ
ସନ୍ଧ୍ୟାରେ ଶୁଭୁଥିଲା
କାହିଁ କେତେ ଦୂରରୁ ବଜ୍ରପାତର କ୍ଷୀଣ ଶବ୍ଦ
ଦୂର ପାହାଡ ସେପଟୁ ଉଠୁଥିଲା
ଖଣ୍ଡେ-ଅଧେ କଳା ମେଘଖଣ୍ଡ
ଭାତରେ ଆଳୁ ଦେଇ-ଡାଲି ଫୁଟାଇ
କଅଣ ଦିଟା ପେଟକୁ ଦେବା ପରେ
ବିଛଣା ଧରିଲି ରାତି ଦଶଟାରେ ଶୁଣୁଛି
ଏବେ ଚୋର ମାତିଛନ୍ତି
ପାଖ ବଜାର ଗୁଡିକରୁ ତାଲା ଭାଙ୍ଗି
ଉଚ୍ଛନ୍ନ କଲେଣି କେତେକ ଦୋକାନ
ଧୀରେ ଧୀରେ ବଢୁଛି ପବନର ବେଗ
ଆକାଶରେ ଗୋଟିଏ ବି ତାରା ନାହିଁ
ଚଉଦିଗରେ ଘନଘୋର ଅନ୍ଧକାର
ଚକ୍‌ଚକ୍ କରୁଛି ବିଜୁଳିଲତା
ଶୁଭିଲା ପ୍ରଚଣ୍ଡ ଘଡଘଡିର ନାଦ
ବରଷିଲାଣି ମେଘ ମୁଷଳ ଧାରାରେ
ରାତି ଦୁଇଟା ହେଲାଣି ବରଷି ଚାଲିଛି ମେଘ
ଉଭାନ୍ ହେଇଛି ଆଖିରୁ ନିଦ
ଏତେବଡ ଘରଟାରେ ଡହଳବିକଳ ମୋ ଏକାକୀତ୍ୱ ॥

*ଓମ୍‌ନଗର, ଆନନ୍ଦବଜାର, ଭଦ୍ରକ*
*ଫୋନ୍-୭୦୦୮୮୨୩୬୦୬*

## ଶ୍ରାବଣୀ ଗୋ ତୁମେ ଗଲାପରେ

**କୈଳାସ ଚନ୍ଦ୍ର ସାହାଣୀ**



ତୁମେ ଗଲାପରେ ଭୋଦୁଅର ଖରା
ଛୁଇଁଯାଏ ତନୁମନ,
ଥିରି ଛୁଆଁ ସେଇ ପବନରେ ଭାସେ
ଅପାସୋରା ପଛ ଦିନ ।
ମିଳନ ମହ୍ଲାର ଗାଇଥିଲ ଦିନେ
ଫୁଟାଇ କଦମ୍ବ ଫୁଲ,
ତୁମ ବିରହରେ ହୃଦୟକୁ ମୋର
ଜାଳୁଛି କି ନିଆଁ ଝୁଲ !
ଶ୍ରାବଣୀ ଗୋ ତୁମ ନିରବତା କେବେ
ଦେଇଛି ମରମେ ଦୁଃଖ,
ତୁମ ଆଗମନେ ମନ ଅଗଣାରେ
ଭରିଛି ପୀରତି ସୁଖ ।
ଛନ୍ଦ ତୋଳି କେବେ ନାଚିଛ ଅଧିରେ
ନୂପୁର ନିକ୍ୱଣ ତୋଳି,
ତୁମ ପଦରଜ ଚନ୍ଦନ ମଣି ମୁଁ
ଦେହରେ ଦେଇଛି ବୋଳି ।
ଶ୍ରାବଣୀ ଗୋ ତୁମ କୃଷ୍ଣ କୁନ୍ତଳରେ
ଚପଳା ଚମକ ଖେଳେ,
ବକପନ୍ତି ଅବା ମଲ୍ଲୀ ମାଳ ହୋଇ
ପ୍ରଲମ୍ବିତ ଚାରୁ ଗଳେ ।
ତୁମେ ତ ରୂପସୀ ଲକ୍ଷେ ଉର୍ବଶୀର
ତୁମେ ତ ଲାବଣ୍ୟବତୀ,
ମନ ମରୁତୀରେ ତୁମେ ମରୁଝର
ମର୍ତ୍ତ୍ୟର ଅମରାବତୀ ।
ଶ୍ରାବଣୀ ଗୋ ଆସି ଚାଲିଗଲ ସିନା
ଛାଡିଦେଲ ପାଦ ଚିହ୍ନ,
କୁଆଁରୀ ଲାଜର କିଆକେତକୀରେ
ବାସୁଥିଲା ଅପରାହ୍ନ !!

*ଲକ୍ଷ୍ମୀନଗର, ବଡବିଲ, କେନ୍ଦୁଝର*
*ମୋ-୯୪୩୭୮୪୩୨୧୯*

## ମହତ୍ତ୍ୱପୂର୍ଣ୍ଣ

**ମନୋଜ କୁମାର ବେହେରା**



ରାସ୍ତା ଉପରେ ଠିଆ ହୋଇକରି
ଯେତେବେଳେ ତୁମେ ମୋ ସହିତ କଥା ହୋଇଥାଅ
ବହୁତ ଲୋକମାନେ ଆମକୁ
ଅଟକିକରି ଦେଖିବାକୁ ଲାଗିଥାନ୍ତି ।
ଯେତେବେଳେ ଆମେ ଚାଲିଯାଉଥିଲୁ
ନିଜ-ନିଜର ଦିଶାରେ,
ସେମାନେ ସବୁ ମିଶିକରି ଆମର ବିଷୟରେ
ଖୁବ୍ କଥା ହେଇଥାନ୍ତି ଆଉ,
ଜୋର୍-ଜୋର୍‌ରେ ଶୁଭୁଥାଏ ସେମାନଙ୍କର ହସ..
ଆରେ ଆମର କଥା ଏବେ କ'ଣ ପୁରା ହେଇଛି
ଏତିକି ତ କହିଥିଲି କାଲି ପୁଣି ଦେଖା ହେବ,
ଆଉ ଏହି ଜାଗାରେ ।
ଆଉ କରିବା ମନ ଭରି କଥା
ତୁମେ ତ ପ୍ରଥମ ଦେଖାରେ
ବନେଇ ଦେଲ ମୋତେ ଏତେ ମହତ୍ତ୍ୱପୂର୍ଣ୍ଣ
କ'ଣ ସବୁଦିନେ ଏମିତି ଦେଖା କରିବ
ଜୀବନର ସଡକ ଉପରେ ?

*ପ୍ଲଟ୍ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ୍), ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*

## ଜହ୍ନ

**ସତ୍ୟବ୍ରତ ମହାଳିକ**

ଦୂର ଆକାଶରେ ଜହ୍ନ,
ଜହ୍ନ ତଳେ ମୁଁ,
ପାତାଳକୁ ଖୁବ୍ ଲଗାଲଗି,
ଆମ ଭିତରେ ଆଉ ନାହିଁ ଦୂରତା,
ଦୂରତା ଯୋଜନ ଯୋଜନର,
ତୁମେ ଏବେ ଜହ୍ନର,
ମୁଁ ଏବେ ପୃଥିବୀର,
ତୁମେ ଚିର ସୌଦାମିନୀ,
ମୁଁ ଚିର ଅମର ପ୍ରେମ-ବିକଳାଙ୍ଗ,
ପ୍ରେମିକ ମଉଡ଼ମଣି,
ତୁମେ ପ୍ରୀତିବାଲି ମରୀଚିକା,
ମୁଁ ଧାବିତ, ଅଣନିଃଶ୍ୱାସୀ,
କାଲୁଆ ଦେହର ନିରୀହ ହୃଦୟ।

*ପ୍ରତିଷ୍ଠାତା/ସଭାପତି ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ,ସୋର, ବାଲେଶ୍ୱର*
*ମୋ-୯୬୯୨୧୯୪୩୯୭*

## ଧରାରେ ଶରତ ଏବେ

**ନିରଞ୍ଜନ ସାହୁ**



ଶରତ ଆସିଛି ମରତ ପୁରୀକୁ
ହସିଲେଣି କାଶତଣ୍ଡି
ଧବଳ ରଙ୍ଗରେ ଶୋଭା ପାଉଛନ୍ତି
ନଦୀପଠା, ବିଲ ମଣ୍ଡି
ଧଳା ମେଘ ଖଣ୍ଡି ଖଣ୍ଡି
ନୀଳ ଆକାଶରେ ଭାସି ଯାଉଛନ୍ତି
ଦେଖ ବେଳକାଳ ଉଣ୍ଡି ।
ପଚରପଚର ଗାଆଁ ଦାଣ୍ଡ ଏବେ
ଶୁଖିଲାଣି ଭଲ କରି
କଇଁ, ପଦ୍ମ ପରା ସରୋବର ମଣ୍ଡି
ମନ ନେଉଛନ୍ତି ହରି
ହସଖୁସି ପଡ଼େ ଝରି
ଶ୍ୟାମାଳିମା ପାଟ ପିନ୍ଧିଛି ଧରିତ୍ରୀ
ଶୋଭାରେ କେ' ସମସରି ?
ଚନ୍ଦ୍ରମଣ୍ଡଳ ଯେ ନିର୍ମଳ ଦିଶୁଛି
ଜହ୍ନ ଜ୍ୟୋସ୍ନା ବୁଣିଦିଏ
ରାତିରେ ଶିଶିର ବିନ୍ଦୁ ଝରିଝରି
ଗଛପତ୍ରେ ସ୍ଥାନ ନିଏ
ଶୀତ ସାଜି ମିତଟିଏ
ନୂଆନୂଆ କରି ପହଁଚି ଯାଆଇ
ଖୋଜୁ ବା ନ ଖୋଜୁ କିଏ ।

ପାର୍ବଣ ପସରା ମେଲି ଆସିଯାଏ
ଉଛୁଳେ ସଭିଙ୍କ ମନ
କଞ୍ଜୁସ ଲୋକ ବି ହାତଖୋଲା କରି
ଖରଚ କରଇ ଧନ
ବାତ୍ୟା ଭୟ ପ୍ରତି ସନ
ବାତ୍ୟା ଆସିଗଲେ ଉଡାଇ ଦିଅଇ
ଗାଆଁଗଣ୍ଡା, କ୍ଷେତ, ବନ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ଜୀବନକୁ ଭରସା ନାହିଁ

**ପ୍ରଶାନ୍ତ ବ୍ରହ୍ମା**



ନିଃଶ୍ୱାସକୁ ନାହିଁ ଆଉ ଯେ ବିଶ୍ୱାସ
ଦିନ ଯିବ କେବେ ଗଡ଼ି
ହାତ ଠାରି ଡାକେ ମୃତ୍ୟୁର ଶେଜଟି
ହୋଇଥା ରହି ସଜାଡି।

ସାରୁ ପତରରେ ବନ୍ଧା ଏ ଜୀବନ
ସାଇତି ରଖିଛି ସେହି
ଜ୍ୟୋତିଷ ଡକାଇ ଗଣନା କରୁଛି
ଶାନ୍ତିରେ ରହିବା ପାଇଁ।

ମୁଣ୍ଡରେ ଝୁଲୁଛି ମରଣର ଖଣ୍ଡା
ବୁଝିବି ବୁଝୁନି ମନ
ଭବିଷ୍ୟତ କଥା ଚିନ୍ତା କରି କରି
ବସି କାଟୁଥାଏ ଦିନ ।

ବଞ୍ଚିବାକୁ ସିଏ ମନେ ବାନ୍ଧେ ଆଶା
ଚାଲିଛି ପୁରୁଣା ଧାରା
ମରଣ ଡାକୁଛି କୋଉଠି ଅଛୁରେ
ପଡ଼ିବୁ ଦିନେ ତୁ ଧରା।

ଆସିଥିଲୁ ଖାଲି ଯିବୁତୁରେ ଖାଲି
ନେବୁ ତୁ ଅର୍ଜିତ ଫଳ
ମିଛେ ଖାଲି ସିନା ହୋଇ ଛଟପଟ
କରୁଥାଉ ନିତି ଖେଳ।

ମୃତ୍ୟୁ ହିଁ ଯେ ସତ୍ୟ ଆସିବ ନିଶ୍ଚିତ
ଏଥିରେ ସନ୍ଦେହ ନାହିଁ
ତଥାପି ମନରେ ଭୟ ଆସୁଥାଏ
ଥରୁଟେ ମରିବା ପାଇଁ ।

*ପଳାଶପୁର, ଖୋର୍ଦ୍ଧା*

## ମଶା

**ଚନ୍ଦନ କୁମାର ଦାସ**

ପୁଲାଏ ଆବର୍ଜନାର
ଆଶ୍ରାରେ ମାତି ଯାଆନ୍ତି ଟେଳାଏ ମଶା
ଠିକ୍ ତା ପରେ ଅହରହ ଲାଗିପଡ଼ନ୍ତି
ବୁନ୍ଦାଏ ବୁନ୍ଦାଏ ରକ୍ତ ଶୋଷିବା କାର୍ଯ୍ୟରେ

ପ୍ରଥମେ ଦିନରାତି ଆସି
କାନ ପାଖରେ ବଜାନ୍ତି ତାଙ୍କର ମଧୁର ଧୂନ୍
ମଧୁର ସଂଗୀତ
ବିରକ୍ତ ଲାଗିଲେ ବି
ସେମାନେ କିନ୍ତୁ ଛାଡନ୍ତି ନାହିଁ
ସନ୍ତର୍ପଣେ ଆସି ପୁଣି ବଜାନ୍ତି
ତାଙ୍କର ପୁରୁଣା ଗୀତ

ତା ପରେ କେଡ଼େ ଯତ୍ନରେ ଆସି
ବସି ଯାଆନ୍ତି ଦେହ ଉପରେ
ସତେ ଯେମିତି ଗୋଟାପଣେ ଏ ଦେହଟା ତାଙ୍କର
ଆଉ ରକ୍ତ ଶୋଷିବା ତାଙ୍କର ଅଧିକାର

ହାତ ପହଞ୍ଚିବା ପୂର୍ବରୁ ଖୁବ୍ ସହଜରେ
ରକ୍ତ ଶୋଷି ଉଡ଼ି ଯାଆନ୍ତି
ଖୋଜିଲା ବେଳକୁ ପେଟେ ରକ୍ତ ଖାଇ
ପେଟ ଓହଳେଇ ଉଡି ବୁଲନ୍ତି ଦେହ ସାମ୍ନାରେ
ଆଉ ଗୋଟିଏ ଦେହର ସନ୍ଧାନରେ
ସେମାନଙ୍କୁ ପୁଣି ନୂଆଁ ଦେହଟାଏ ମିଳିଯାଏ ସିନା
ହେଲେ ପୁରୁଣା ଦେହଟା
ଉପଶମ ପାଇ ପାରେନା ସହଜରେ

ଆଜି କାଲି ତ ସବୁଠିଁ
କୁଢ଼ କୁଢ଼ ଅଳିଆ, କୁଢ଼ କୁଢ଼ ଆବର୍ଜନା
ତେଣେ ମଶା ବଢ଼ିବାରେ ବାଧା କେଉଁଠି....
ପଲ୍ଲୀରୁ ଆରମ୍ଭ କରି ପାର୍ଲାମେଣ୍ଟ
ବିଦ୍ୟାଳୟରୁ ଆରମ୍ଭ କରି ଅଫିସ୍, ଦପ୍ତର
ରାସ୍ତା-ଘାଟ, ବିଲ-ବାଡ଼ି
ସବୁଠି ଖାଲି ମଶା ଆଉ ମଶା
ବେଳେବେଳେ ଶକ୍ତି ସଂରକ୍ଷଣ ନିୟମ ବି
ଫିକା ପଡ଼ିଯାଏ ଏମାନଙ୍କ ସାମ୍ନାରେ
ସତେ ଯେମିତି ଏ ମଶା ମାନଙ୍କର ସୃଷ୍ଟି ଅଛି
ନାହିଁ ମାତ୍ର ବିନାଶ..!

*ଭୋଗରାଇ, ବାଲେଶ୍ୱର*
*ଦୂ.ଭା-୮୧୧୪୩୪୫୯୮୮*



# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ 'ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର-୨୦୨୬'

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଭାରତର ପ୍ରମୁଖ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥା 'ଜିନ୍ଦଲ ଷ୍ଟେନ୍‌ଲେସ୍'କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଶିଳ୍ପ ବର୍ଗରେ 'ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର ୨୦୨୬'ରେ ସମ୍ମାନିତ କରାଯାଇଛି। ଓଡ଼ିଶାର ଯାଜପୁରସ୍ଥିତ କଳିଙ୍ଗନଗର ପ୍ଲାଣ୍ଟରେ ପରିବେଶ ଅନୁପାଳନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସ୍ଥାୟୀ ଶିଳ୍ପ ପ୍ରକ୍ରିୟା ପାଇଁ କମ୍ପାନୀର ନିରନ୍ତର ପ୍ରଚେଷ୍ଟାକୁ ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ଆୟୋଜିତ ଏସପିସିବି ଓଡ଼ିଶାର ୪୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଗଣେଶ ରାମ ସିଂ ଖୁଣ୍ଟିଆ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ମାନ୍ୟତା ଉପରେ ନିଜର ପ୍ରତିକ୍ରିୟା ରଖି ଜିନ୍ଦଲ ଷ୍ଟେନ୍‌ଲେସ୍ (ଯାଜପୁର)ର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, "ଏସପିସିବି ଓଡ଼ିଶା ପକ୍ଷରୁ 'ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର' ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ସ୍ଥାୟୀ ବିକାଶ ଆମର କାର୍ଯ୍ୟଶୈଳୀ ସହ ଓତପ୍ରୋତ ଭାବେ ଜଡ଼ିତ, ଏବଂ ଏହି ସମ୍ମାନ ଉତ୍ତରଦାୟୀ ଓ ସମ୍ବଳ-କୁଶଳ ଉତ୍ପାଦନ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଛି। ଆମେ ଓଡ଼ିଶା ଏବଂ ସାରା ଦେଶରେ ଆମର କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଆପଣାଇବା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସର୍କୁଲାର ଇକୋନୋମି (ବୃତ୍ତାକାର ଅର୍ଥନୀତି) ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଜାରି ରଖିବୁ।" ପୁରସ୍କାର ବିତରଣ ଉତ୍ସବ ସହିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଏକ ଇଣ୍ଟରାକ୍ଟିଭ୍ ପ୍ରଦର୍ଶନୀ ଷ୍ଟଲ୍ ମାଧ୍ୟମରେ ନିଜର ଡିକାର୍ବୋନାଇଜେସନ୍ (ଅଙ୍ଗାରକାମ୍ଳ ହ୍ରାସ) ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରିଥିଲା। ଏଥିରେ ବ୍ରାଇଟ୍ ଆନିଲିଂ ପାଇଁ ଏହାର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟର ଏକ କାର୍ଯ୍ୟକ୍ଷମ ମଡେଲ୍ ସହିତ ଓଡ଼ିଶାର ସବୁଠାରୁ ବଡ଼ କ୍ୟାପ୍ଟିଭ୍ ଇଣ୍ଡଷ୍ଟ୍ରିଆଲ୍ ସୋଲାର ପ୍ଲାଣ୍ଟ ଏବଂ ଉତ୍ପାଦନ ପ୍ରକ୍ରିୟାରୁ କାର୍ବନ ପଦଚିହ୍ନ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ସାମିଲ ଥିଲା। ଜିନ୍ଦଲ ଷ୍ଟେନ୍‌ଲେସ୍ ନିଜର ବ୍ୟାପକ ଡିକାର୍ବୋନାଇଜେସନ୍ ରୋଡମ୍ୟାପ୍‌ର ଅଂଶ ସ୍ୱରୂପ ସ୍ୱଚ୍ଛ ଶକ୍ତି ଏବଂ ନବସୃଜନକାରୀ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବାରେ ଅଗ୍ରସର ହେଉଛି। ଯାଜପୁର ପ୍ଲାଣ୍ଟରେ କମ୍ପାନୀର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପର ଲକ୍ଷ୍ୟ ହେଉଛି ବ୍ରାଇଟ୍ ଆନିଲିଂ ପ୍ରକ୍ରିୟାରେ ପାରମ୍ପରିକ ଜୀବାଶ୍ମ ଇନ୍ଧନ ବ୍ୟବହାର ବଦଳରେ ସ୍ୱଚ୍ଛ ଶକ୍ତିର ବ୍ୟବହାର କରିବା, ଯାହା ଅଧିକ ଶକ୍ତି ଆବଶ୍ୟକ କରୁଥିବା ଶିଳ୍ପ କ୍ଷେତ୍ରରେ ହାଇଡ୍ରୋଜେନ୍-ଆଧାରିତ ସମାଧାନର ସମ୍ଭାବନାକୁ ଦର୍ଶାଉଛି।

ନବୀକରଣଯୋଗ୍ୟ ଶକ୍ତି ଉପରେ କମ୍ପାନୀର ଗୁରୁତ୍ୱ ଏହାର କ୍ୟାପ୍ଟିଭ୍ ସୌର ଶକ୍ତି ପଦକ୍ଷେପଗୁଡ଼ିକରେ ପ୍ରତିଫଳିତ ହେଉଛି, ଯାହା ଶିଳ୍ପ ପରିଚାଳନା ପାଇଁ ସ୍ୱଚ୍ଛ ଶକ୍ତି ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପଗୁଡ଼ିକ ଶକ୍ତି ଦକ୍ଷତା, ସମ୍ବଳର ସଠିକ୍ ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପୁନଃଚକ୍ରଣ କ୍ଷେତ୍ରରେ କମ୍ପାନୀର ପ୍ରଚେଷ୍ଟାକୁ ଆହୁରି ମଜଭୁତ କରୁଛି।

ଏସପିସିବି ଓଡ଼ିଶା ଦ୍ୱାରା ମିଳିଥିବା ଏହି ସ୍ୱୀକୃତି, ଉତ୍ପାଦନ ପ୍ରକ୍ରିୟାରେ ପରିବେଶଗତ ଉତ୍ତରଦାୟିତ୍ୱକୁ ସାମିଲ କରିବା ସହ ଓଡ଼ିଶାର ସ୍ଥାୟୀ ଶିଳ୍ପ ବିକାଶ ଆଡ଼କୁ ଅଗ୍ରସର ହେବାରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ନିରନ୍ତର ପ୍ରଚେଷ୍ଟାକୁ ଆହୁରି ସୁଦୃଢ଼ କରୁଛି।

# ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ପକ୍ଷରୁ 'ଗୀତୁ ସେବା କିଚେନ୍'ର ଶୁଭାରମ୍ଭ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**



ସାମାଜିକ କଲ୍ୟାଣ ଏବଂ ସମବେଦନାପୂର୍ଣ୍ଣ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୃଢ଼ କରି, ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ୧୬ ସେପ୍ଟେମ୍ବର ୨୦୨୬ରେ 'ଗୀତୁ ସେବା କିଚେନ୍'ର ଉଦ୍‌ଘାଟନ କରିଛି। ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ଅଧ୍ୟକ୍ଷା ସଙ୍ଗୀତା ଜିନ୍ଦଲଙ୍କ ଦ୍ୱାରା ଅନୁପ୍ରାଣିତ ଏହି ମହତ୍ ପଦକ୍ଷେପ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଏକ ଅନନ୍ୟ ପ୍ରୟାସ ଅଟେ। 'ସେବା ପରମୋ ଧର୍ମ' (ସେବା ହିଁ ସର୍ବୋଚ୍ଚ କର୍ତ୍ତବ୍ୟ) ନୀତି ଉପରେ ଆଧାରିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଅସହାୟ ବ୍ୟକ୍ତି, ରୋଗୀଙ୍କ ସହଯୋଗୀ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା।

କମ୍ପାନୀର ବରିଷ୍ଠ ନେତୃତ୍ୱବୃନ୍ଦ ଏବଂ 'ଆକାଂକ୍ଷା ଲେଡିଜ୍ କ୍ଲବ୍'ର ସଦସ୍ୟାମାନଙ୍କ ଉପସ୍ଥିତିରେ ଜେଏସ୍‌ଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍‌ର ହୋଲ୍-ଟାଇମ୍ ଡାଇରେକ୍ଟର ତଥା ସିଇଓ ଉମେଶ ରାୟ ଏହି ରୋଷେଇ ଘରର ଉଦ୍‌ଘାଟନ କରିଥିଲେ। 'ଆକାଂକ୍ଷା ଲେଡିଜ୍ କ୍ଲବ୍'ର ସଭାପତି ପ୍ରୀତି ରାୟଙ୍କ ନେତୃତ୍ୱରେ, ଏହି ଅଭିଯାନ ଝାରସୁଗୁଡ଼ାସ୍ଥିତ ସଞ୍ଜୀବନୀ ହସ୍ପିଟାଲରେ ରୋଗୀଙ୍କ ସହଯୋଗୀ ଏବଂ ହାଉସ୍‌କିପିଂ କର୍ମଚାରୀମାନଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରି ନିଜର ପ୍ରଥମ ସେବା କାର୍ଯ୍ୟ ଆରମ୍ଭ କରିଥିଲା।

ଆବଶ୍ୟକତା ଥିବା ସମ୍ପ୍ରଦାୟର ଯତ୍ନ ଓ ସହାୟତା କରିବା ପାଇଁ ଶ୍ରୀମତୀ ସଙ୍ଗୀତା ଜିନ୍ଦଲଙ୍କ ଦୂରଦୃଷ୍ଟି ଦ୍ୱାରା ଅନୁପ୍ରାଣିତ ହୋଇ, 'ଗୀତୁ ସେବା କିଚେନ୍' ୩୦ ଜଣ ଉତ୍ସାହୀ ମହିଳା ସ୍ୱେଚ୍ଛାସେବୀଙ୍କ ଏକ ଉତ୍ସର୍ଗୀକୃତ ଦଳ ସହିତ ନିଜର ଯାତ୍ରା ଆରମ୍ଭ କରିଛି; ଯେଉଁମାନେ ଭଲପାଇବା, ସମବେଦନା ଏବଂ ସମ୍ମାନର ସହ ଖାଦ୍ୟ ପରିବେଷଣ କରିବାକୁ ପ୍ରତିଶ୍ରୁତିବଦ୍ଧ।

# ଟାଟା ଷ୍ଟିଲର ଯୋଡ଼ା ଇଷ୍ଟ ଲୁହାପଥର ଖଣିକୁ ପଲ୍ୟୁସନ କଣ୍ଟ୍ରୋଲ ଆପ୍ରିସିଏସନ ଆୱାର୍ଡ ୨୦୨୬ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ୪୩ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଓୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ଯୋଡ଼ା ଇଷ୍ଟ ଲୁହାପଥର ଖଣିକୁ ପ୍ରତିଷ୍ଠିତ 'ପଲ୍ୟୁସନ କଣ୍ଟ୍ରୋଲ ଆପ୍ରିସିଏସନ ଆୱାର୍ଡ ୨୦୨୬' ପ୍ରଦାନ କରାଯାଇଛି।

ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ସଦସ୍ୟ ସଚିବ ମିଳିତ ଭାବେ ଏହି ସମ୍ମାନ ପ୍ରଦାନ କରିଥିଲେ।

ଖଣି ପରିଚାଳନାରେ ପରିବେଶ ସୁରକ୍ଷା ପ୍ରତି ଥିବା ଉଲ୍ଲେଖନୀୟ ପ୍ରତିବଦ୍ଧତା ତଥା ବାୟୁର ଗୁଣବତ୍ତା ପରିଚାଳନା, ଜଳ ସଂରକ୍ଷଣ ଏବଂ ମୃତ୍ତିକା ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଉତ୍କୃଷ୍ଟ କାର୍ଯ୍ୟଶୈଳୀର ନିରନ୍ତର ପ୍ରୟୋଗ ପାଇଁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମର ମହତ୍ତ୍ୱକୁ ବୃଦ୍ଧି କରି ଟାଟା ଷ୍ଟିଲ୍ ପକ୍ଷରୁ ସେହି ସ୍ଥାନରେ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯାଇଥିଲା, ଯେଉଁଥିରେ ଦୀର୍ଘସ୍ଥାୟୀ ଖଣି ଉତ୍ତୋଳନ ଏବଂ ଉନ୍ନତ ପରିବେଶ ଉପଯୋଗୀ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କମ୍ପାନୀର ସଫଳତା ପ୍ରଦର୍ଶିତ ହୋଇଥିଲା।

ଏହି ଆକର୍ଷଣୀୟ ପ୍ରଦର୍ଶନୀ ଷ୍ଟଲଗୁଡ଼ିକରେ ଅତ୍ୟାଧୁନିକ ପରିବେଶ-ଅନୁକୂଳ ପଦ୍ଧତିଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅଞ୍ଚଳରେ ଦାୟିତ୍ୱପୂର୍ଣ୍ଣ ତଥା ପରିବେଶ-ଅନୁକୂଳ ଖଣି ଖନନ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ନୂତନ ମାନଦଣ୍ଡ ସ୍ଥାପନ କରିଥିବାରୁ ଦର୍ଶକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଟାଟା ଷ୍ଟିଲର ପ୍ରଶଂସା କରିଥିଲେ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜଟଣୀ ଶାଖାର ୫୦ତମ ପ୍ରତିଷ୍ଠା ଦିବସ ପାଳିତ

**ଜଟଣୀ, ନ୍ୟୁଜ୍‌ବ୍ୟୁରୋ**




ୟୁନିୟନ୍ ଅଫ୍ ଇଣ୍ଡିଆର ଜଟଣୀ ଶାଖା ପକ୍ଷରୁ ୫୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତୁଷାର କାନ୍ତ କର, ଉପ ଆଞ୍ଚଳିକ ମୁଖ୍ୟ ଶଙ୍କର ହେମ୍ବ୍ରମ ଓ ଜଟଣୀ ଶାଖାର ଶାଖା ପ୍ରବନ୍ଧକ କ୍ରୀଷ୍ଟା ଡାଗୋରେଙ୍କ ସମେତ ବ୍ୟାଙ୍କ ଅଧିକାରୀ, କର୍ମଚାରୀ, ଗ୍ରାହକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଶାଖାର ୫ ଦଶନ୍ଧିର ନିଷ୍ଠାପୂର୍ଣ୍ଣ ଗ୍ରାହକ ସେବା ଏବଂ ଜଟଣୀ ଅଞ୍ଚଳର ବ୍ୟାଙ୍କିଙ୍ଗ୍ ଓ ଆର୍ଥିକସେବା ବିକାଶରେ ବ୍ୟାଙ୍କର ଅବଦାନକୁ ସ୍ମରଣ କରାଯାଇଥିବା ସହ ଦୀର୍ଘ ବର୍ଷ ଧରି ଗ୍ରାହକଙ୍କ ସହ ସୁସମ୍ପର୍କ, ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ଓ ସହଯୋଗ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାଖା ଅଧିକାରୀମାନେ ଗ୍ରାହକ ଓ ହିତାଧିକାରୀଙ୍କ ବିଶ୍ୱାସ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

ଶାଖାର ବର୍ତ୍ତମାନ ଓ ପୂର୍ବତନ କର୍ମଚାରୀମାନଙ୍କ ଅବଦାନକୁ ମଧ୍ୟ ସ୍ମରଣ କରାଯାଇଥିଲା। ଗତ ୫୦ ବର୍ଷର ଯାତ୍ରାରେ ସେମାନଙ୍କ ଭୂମିକାକୁ ସଫଳତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଅଭିହିତ କରାଯାଇଥିଲା। ଏହି ଅବସରରେ ଜଟଣୀ ଶାଖାର ବର୍ତ୍ତମାନ ଓ ପୂର୍ବତନ ସମସ୍ତ କର୍ମଚାରୀଙ୍କ ସମେତ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିଲେ।

ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ସହ ବ୍ୟାଙ୍କ ସହିତ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଶାଖା ପକ୍ଷରୁ ପ୍ରତିବଦ୍ଧତା ପ୍ରକାଶ କରାଯାଇଥିଲା। ୟୁନିୟନ୍ ଅଫ୍ ଇଣ୍ଡିଆର ଜଟଣୀ ଶାଖାର ୫୦ତମ ପ୍ରତିଷ୍ଠା ଦିବସ ପାଳନ ଏହାର ଗୌରବମୟ ଯାତ୍ରାର ଏକ ସ୍ମରଣୀୟ ଅଧ୍ୟାୟ ହେବା ସହ ଆଗାମୀ ଦିନଗୁଡିକରେ ସେହି ଅଞ୍ଚଳବାସୀଙ୍କ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ ଜଟଣୀ କେ.ଭି ବିଦ୍ୟାଳୟରେ ସାଇବର ସିକ୍ୟୁରିଟି ଓ ଆର୍ଥିକ ସାକ୍ଷରତା ଶିବିରର ଆୟୋଜନ କରାଯିବା ସହ ଜଟଣୀ ଶାଖାରେ ଏକ ସ୍ୱାସ୍ଥ୍ୟ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଉପଆଞ୍ଚଳିକ ମୁଖ୍ୟ ହେମ୍ବ୍ରମ ସମସ୍ତଙ୍କୁ ସମ୍ବୋଧିତ କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପୂର୍ବତଟ ରେଳପଥର ସ୍ୱଚ୍ଛତା ହିଁ ସେବା-୨୦୨୬ ଅଭିଯାନ ଆରମ୍ଭ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

"ସ୍ୱଚ୍ଛତା ମେଁ ସହଭାଗ : ସ୍ୱଚ୍ଛ ଭାରତ, ବିକଶିତ ଭାରତ" ବିଷୟବସ୍ତୁକୁ ନେଇ ପୂର୍ବତଟ ରେଳପଥ ପକ୍ଷରୁ "ସ୍ୱଚ୍ଛତା ହିଁ ସେବା-୨୦୨୬" ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଜନସହଭାଗିତା, ସ୍ୱଚ୍ଛତା ଏବଂ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ ଏବଂ ସ୍ୱଚ୍ଛତାକୁ ବ୍ୟକ୍ତିଗତ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ରେଳ କର୍ମଚାରୀମାନେ ନିଜେ ଉଦାହରଣ ସୃଷ୍ଟି କରିବା ସହିତ ଯାତ୍ରୀ, ହିତଧାରକ ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଭାବେ ସାମିଲ କରିବାକୁ ସେ ଆହ୍ୱାନ କରିଛନ୍ତି । ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ପୂର୍ବତଟ ରେଳପଥ ମୁଖ୍ୟାଳୟ, ସମସ୍ତ ମଣ୍ଡଳ, ରେଳ ଷ୍ଟେସନ, ଟ୍ରେନ, କାର୍ଯ୍ୟାଳୟ, ୱାର୍କସପ୍, ହସ୍ପିଟାଲ ଏବଂ ରେଳବାଇ ଆବାସିକ କଲୋନୀଗୁଡ଼ିକରେ ଆୟୋଜିତ ହେଉଛି। ଏହି ଅଭିଯାନରେ 'ସ୍ୱଚ୍ଛତା ଟାର୍ଗେଟ୍ ୟୁନିଟ୍‌ଗୁଡ଼ିକର ରୂପାନ୍ତରଣ', 'ସ୍ୱଚ୍ଛ ପାଠଶାଳା – ସ୍ୱଚ୍ଛତା ପାଇଁ ଯୁବବର୍ଗ', 'ସଫେଇ ମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର', 'ସ୍ୱଚ୍ଛତା ପାଇଁ ଜନ ଭାଗୀଦାରୀ' ଏବଂ 'ସ୍ୱଚ୍ଛତାରୁ ସମୃଦ୍ଧି' ଭଳି ପାଞ୍ଚଟି ପ୍ରମୁଖ ସ୍ତମ୍ଭ ଉପରେ ପର୍ଯ୍ୟବସିତ।

ଏହି ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛ ଷ୍ଟେସନ ଏବଂ ସ୍ୱଚ୍ଛ ରେଳଗାଡ଼ି ଅଭିଯାନ, ନାଳ ନର୍ଦ୍ଦମା ଓ ଶୌଚାଳୟ ସଫେଇ, ରେଳବାଇ କଲୋନୀ ଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା, ଉତ୍ପତ୍ତି ସ୍ଥଳରେ ଚାରି ପ୍ରକାରର ବର୍ଜ୍ୟବସ୍ତୁ ପୃଥକୀକରଣ, କମ୍ପୋଷ୍ଟ ପ୍ରସ୍ତୁତି, "ପ୍ଲାଷ୍ଟିକ୍ ବ୍ୟବହାରକୁ ନା କୁହନ୍ତୁ" ଅଭିଯାନ ଏବଂ ପୁରୁଣା ବର୍ଜ୍ୟବସ୍ତୁ ହଟାଇବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସଫେଇ ମିତ୍ରମାନଙ୍କ କଲ୍ୟାଣ, ସୁରକ୍ଷା ଓ ସମ୍ମାନ ପ୍ରତି ମଧ୍ୟ ବିଶେଷ ପଦକ୍ଷେପମାନ ଗ୍ରହଣ କରାଯିବ।

ଅକ୍ଟୋବର ୧ ତାରିଖରେ "ଏକ ଦିନ, ଏକ ଘଣ୍ଟା, ଏକ ସାଥ୍" ଅଧୀନରେ ବ୍ୟାପକ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ପରେ ଅକ୍ଟୋବର ୨ ତାରିଖରେ ସ୍ୱଚ୍ଛ ଭାରତ ଦିବସ ପାଳନ କରାଯିବ। ଏହି ଅବସରରେ ସ୍ୱଚ୍ଛତା ଶପଥ, ପ୍ରଭାତ ଫେରୀ, ନୁକ୍କଡ଼ ନାଟକ ଏବଂ "ଏକ ପେଡ୍ ମା କେ ନାମ୍" ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହେବ। ସ୍ୱଚ୍ଛତା ସଂକଳ୍ପର ଅଂଶସ୍ୱରୂପ, ରେଳ କର୍ମଚାରୀମାନଙ୍କୁ ପ୍ରତିବର୍ଷ ୧୦୦ ଘଣ୍ଟା ସ୍ୱଚ୍ଛତା କାର୍ଯ୍ୟକଳାପ ପାଇଁ ଉତ୍ସର୍ଗ କରିବା ଏବଂ ଅନ୍ୟମାନଙ୍କୁ ଏହି ଉଦ୍ଦେଶ୍ୟରେ ଯୋଗଦାନ କରିବା ପାଇଁ ପ୍ରେରିତ କରିବା ଲାଗି ପ୍ରୋତ୍ସାହିତ କରାଯାଉଛି। ସ୍ୱଚ୍ଛତା ହିଁ ସେବା ୨୦୨୬' ମାଧ୍ୟମରେ ପୂର୍ବତଟ ରେଳପଥ ସ୍ୱଚ୍ଛତାକୁ ଏକ ନିରନ୍ତର ଜନ ଆନ୍ଦୋଳନରେ ପରିଣତ କରିବା, ଦାୟିତ୍ୱବାନ୍ ବର୍ଜ୍ୟବସ୍ତୁ ପରିଚାଳନା, ବ୍ୟବହାରିକ ପରିବର୍ତ୍ତନ ଏବଂ ଏକ ସ୍ୱଚ୍ଛ, ସୁସ୍ଥ ଓ ଅଧିକ ସ୍ଥାୟୀ ରେଳ ପରିବେଶ ଗଠନ ଦିଗରେ ସକ୍ରିୟ ସାମୁହିକ ସହଭାଗିତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାକୁ ମିଳିଲା...

ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଅନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍, ଥ୍ରୀ-ଡି ଗ୍ଲାସ୍ ସଲ୍ୟୁସନ ଏବଂ ସାଇଏଣ୍ଟ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଏବଂ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସଫଳ ହୋଇଛୁ। 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଏବଂ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି। ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବାକୁ ଚାହୁଁଛୁ, ଯେଉଁଠାରେ ବିଶ୍ୱସ୍ତରୀୟ ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ ଉତ୍ପାଦନ, ନବସୃଜନ ଏବଂ ବିକାଶ କରିପାରିବେ।

ଓଡ଼ିଶା ପାଭିଲିୟନରେ ପ୍ରଦର୍ଶିତ ହୋଇଥିବା 'ସାଣ୍ଡ ଟୁ ସିଲିକନ୍' (ବାଲିରୁ ସିଲିକନ୍) ପ୍ରଦର୍ଶନୀ ରାଜ୍ୟର ଏହି ନୂତନ ଯାତ୍ରାକୁ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରୁଛି। ଏହି ପ୍ରଦର୍ଶନୀ ରାଜ୍ୟର ପରିଚୟକୁ ସିଲିକନ୍ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହାର ବର୍ଦ୍ଧିତ ମହତ୍ତ୍ୱାକାଂକ୍ଷୀ ସହିତ ସଂଯୋଗ କରି ରାଜ୍ୟର ସେମିକଣ୍ଡକ୍ଟର ଯାତ୍ରାକୁ ଏକ ସ୍ୱତନ୍ତ୍ର ଓଡ଼ିଆ ଅଭିବ୍ୟକ୍ତି ପ୍ରଦାନ କରୁଛି। ଏହା ଓଡ଼ିଶାର 'ମାଇନ୍ ଇକୋନୋମି' (ଖଣି ଅର୍ଥନୀତି)ରୁ 'ମାଇଣ୍ଡ ଇକୋନୋମି' (ଜ୍ଞାନ ଅର୍ଥନୀତି) ଆଡ଼କୁ ଅଗ୍ରସର ହେବାର ବୃହତ୍ତର ଦୂରଦୃଷ୍ଟି ସହିତ ମଧ୍ୟ ଓତଃପ୍ରୋତ ଭାବେ ଜଡ଼ିତ।

କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବ୍ୟତୀତ, ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି।

ଏହି ସଂଶୋଧନ ଜରିଆରେ, ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ଆଇଏସଏମ୍-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫% ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ, ଅନ୍ତର୍ଜାତୀୟ ପେଟେଣ୍ଟ୍ ଏବଂ ଗବେଷଣା ତଥା ବିକାଶ ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି।

ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କାର୍ଯ୍ୟକ୍ରମରେ ଭାଷଣ ଦେଇଥିଲେ। 'ସେମିକନ୍ ଇଣ୍ଡିଆ ୨୦୨୬' ରେ ଓଡ଼ିଶା ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ନିଜକୁ ପ୍ରତିଷ୍ଠା କରୁଛି, ଯାହା ଏକ 'ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି।

## ମରାଠୀ ଫିଲ୍ମ ...

ଫିଲ୍ମ ଫେଷ୍ଟିଭାଲ ଅଫ ଇଣ୍ଡିଆ(ଆଇଏଫଏଫଆଇ)ରେ ଗୋନ୍ଧାଲ ଚଳଚ୍ଚିତ୍ର ପାଇଁ ନିର୍ଦ୍ଦେଶକ ଦଭାଖାରଙ୍କ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସିଲଭର ପିକକ୍ ପୁରସ୍କାର ମିଳିସାରିଛି। ମୋଟ ୩୩ଟି ଫିଲ୍ମକୁ ରିଭ୍ୟୁ କରିବା ପରେ ଗୋନ୍ଧାଲକୁ ଶ୍ରେଷ୍ଠ ବିବେଚିତ କରାଯିବା ସହ ଆସନ୍ତା ୨୦୨୭ ଓସ୍କାର ପୁରସ୍କାର ପାଇଁ ଭାରତ ପକ୍ଷରୁ ମନୋନୀତ କରାଯାଇଛି ବୋଲି ଚୟନ କମିଟିର ମୁଖ୍ୟ ପି.ଶେଷାଦ୍ରୀ କହିଛନ୍ତି।

## ରାଜ୍ୟ ଗୋଷ୍ଠୀ...

ଜାତୀୟ ଓ ଆଞ୍ଚଳିକ ସଂସଦର ୬,୦୦୦ରୁ ଅଧିକ ମହିଳାଙ୍କୁ ପ୍ରତିନିଧିତ୍ୱ କରୁଛି। ଏହାର ପରିସର ପ୍ରଭାବଶାଳୀ ହେଲେ ମଧ୍ୟ ପ୍ରତିନିଧିଗତ ବ୍ୟବଧାନ ହ୍ରାସ କରିବା ଦିଗରେ ଆହୁରି ଅନେକ କାର୍ଯ୍ୟ କରିବାକୁ ହେବ ବୋଲି ବାଚସ୍ପତି କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟଗୋଷ୍ଠୀ ସମୂହର ମହିଳା ବାଚସ୍ପତି, ସାଂସଦ, ବିଧାୟକ ଓ ମନ୍ତ୍ରୀମାନେ ଯୋଗଦେଇଥିବାବେଳେ ଉତ୍ତରାଖଣ୍ଡର ବାଚସ୍ପତି ରୀତା ଖଣ୍ଡୁରୀ, ଆନ୍ଧ୍ରପ୍ରଦେଶର ସାଂସଦ ପୁରନ୍ଦେଶ୍ୱରୀ ଓ ପଶ୍ଚିମବଙ୍ଗର ସାଂସଦ ରଚନା ବାନାର୍ଜୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କ ସମେତ ଉପବାଚସ୍ପତି ଭବାନୀଶଙ୍କର ଭୋଇ ଓ ସଚିବ ସତ୍ୟବ୍ରତ ରାଉତ ମଧ୍ୟ କେପ୍‌ଟାଉନ୍ ଗସ୍ତରେ ଯାଇଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟ ...

କର୍ତ୍ତୃପକ୍ଷ। ଅଭିଯୋଗ ଅନୁଯାୟୀ, ବାଣିଜ୍ୟ ବିଭାଗର ପ୍ରଶ୍ନପତ୍ର ଲିକ୍ ହେଇଥିଲା। ତେବେ ଲିକ୍ କେମିତି ହେଲା ? କିଏ କଲା ? ଲିକ୍‌ର ଉତ୍ସ କ'ଣ ? ଏସବୁର ତଦନ୍ତ ପାଇଁ ଲିଖିତ ଅଭିଯୋଗ କରିଥିବା କହିଛନ୍ତି ପରୀକ୍ଷା ନିୟନ୍ତ୍ରକ।

## ଆଜି ଲଘୁଚାପ...

ଗୋଟିଏ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୯ ଜିଲ୍ଲାରେ ଅତି ପ୍ରବଳ ଓ ୯ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା କେବଳ ଗଜପତି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

## ପାରାସିଟାମଲ ...

ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ଯୋଗାଇ ଦିଆଯାଇଥିଲା। ଏବେ ଔଷଧର ଗୁଣବତ୍ତା ନେଇ ଚିନ୍ତା ବଢ଼ି ଯାଇଛି। ଔଷଧ ଖାଇବା ପୂର୍ବରୁ ଯାଞ୍ଚ ଜରୁରୀ କରିବାର ଗୁରୁତ୍ୱକୁ ଏହି ରିପୋର୍ଟ ଉଜାଗର କରିଛି। ରିପୋର୍ଟ ଅନୁଯାୟୀ, ଏଫଡିଏ ନିୟମିତ ପରୀକ୍ଷଣ ସମୟରେ ଏହି ଔଷଧ ନମୁନା ସଂଗ୍ରହ କରିଥିଲା। ଏଥିରେ ସାମିଲ ଥିବା ଔଷଧଗୁଡ଼ିକ ହେଲା ପାରାସିଟାମଲ ୫୦୦ ଏମଜି ଓ ଟେଲମିସାର୍ଟାନ ୪୦ ଏମଜି। ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଇନ୍ଦୋରସ୍ଥିତ କ୍ୟୁଏରେଜ ହେଲଥକେୟାର ପ୍ରାଇଭେଟ ଲିମିଟେଡ ଏହି ଔଷଧଗୁଡ଼ିକ ପ୍ରସ୍ତୁତ କରିଥିଲା। ଏହି ରିପୋର୍ଟ ଆସିବା ପରେ ପ୍ରାୟ ୧.୨୫ ଲକ୍ଷ ପାରାସିଟାମଲ୍ ଟାବଲେଟ୍ ପ୍ରତ୍ୟାହାର କରି ନିଆଯାଇଥିଲା। ଏଗୁଡ଼ିକ ଜୁଲାଇରେ ଯୋଗାଣ ହୋଇଥିଲା।

# ଇଥାନଲ୍ ମିଶ୍ରଣ ଲକ୍ଷ୍ୟ ୨୫%କୁ ବଢ଼ିବ

**ହୁବଳି (କର୍ଣ୍ଣାଟକ)**

ସାରା ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲକୁ ନେଇ ବିବାଦ ଥମି ନଥିବା ବେଳେ କେନ୍ଦ୍ର ସରକାର ବର୍ତ୍ତମାନ ପେଟ୍ରୋଲରେ ଇଥାନଲ ମିଶ୍ରଣ ଲକ୍ଷ୍ୟକୁ ୨୫% କରିବାକୁ ଯୋଜନା କରୁଛନ୍ତି। ଏହାର ସାମ୍ଭାବ୍ୟତାର ସମୀକ୍ଷା କରିବାପାଇଁ ଏକ କମିଟି ଗଠନ କରାଯାଇଥିବା କେନ୍ଦ୍ର ଖାଦ୍ୟ, ସାଧାରଣ ବଣ୍ଟନ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରୀପ୍ରହଲ୍ଲାଦ ଯୋଶୀ କହିଛନ୍ତି। କେନ୍ଦ୍ରସରକାର ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ଲକ୍ଷ୍ୟ ବୃଦ୍ଧି ପାଇଁ ଗଠନ କରିଥିବା କମିଟିର ସୁପାରିସ ଆଧାରରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯୋଶୀ ବ୍ୟାଖ୍ୟା କରିଥିଲେ ଯେ ଦେଶରେ ଇଥାନଲ୍ ମିଶ୍ରଣ ନୀତି ଆରମ୍ଭ କରିବାର ଧାରଣା ୨୦୦୩-୦୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ହୋଇଥିଲା। ସେତେବେଳେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ କେବଳ ଏକ ପ୍ରତିଶତରୁ ଅଧିକ ଥିଲା। ସେ କହିଛନ୍ତି ଯେ ନରେନ୍ଦ୍ର ମୋଦୀ ସରକାର ଏହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇ ପର୍ଯ୍ୟାୟକ୍ରମେ ଇଥାନଲ୍ ମିଶ୍ରଣକୁ ବିସ୍ତାର କରିଛନ୍ତି। ଫଳସ୍ୱରୂପ ଦେଶରେ ଇଥାନଲ୍ ମିଶ୍ରଣର ବର୍ତ୍ତମାନର ଲକ୍ଷ ୨୦ ପ୍ରତିଶତରେ ପହଁଞ୍ଚିଛି। ଇଥାନଲ୍ ମିଶ୍ରଣ ଲକ୍ଷ୍ୟକୁ ୨୫ ପ୍ରତିଶତକୁ ବୃଦ୍ଧି କରାଯିବ। ଉପରେ ଆପତ୍ତି ମଧ୍ୟରେ ଶ୍ରୀ ଯୋଶୀ ନୀତିକୁ ସମର୍ଥନ କରି କହିଥିଲେ ଯେ ଇଥାନଲ୍ ଉତ୍ପାଦନ ଚିନି ମିଲ୍‌ଗୁଡିକୁ ଆଖୁ ଚାଷୀଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ସାହାଯ୍ୟ କରିଛି। ସେ କହିଛନ୍ତି ଯେ ମୋଦି ସରକାର କ୍ଷମତାକୁ ଆସିବାପରେ କେନ୍ଦ୍ରସରକାର ଚିନି ମିଲଗୁଡିକୁ ପ୍ରାୟ ୧୪,୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରିଥିଲେ। ଏହା ଚିନି ମିଲଗୁଡିକୁ ଆଖୁ ଚାଷୀଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ନବ ଗଠିତ କମିଟିର ସୁପାରିସ ଆଧାରରେ କେନ୍ଦ୍ରସରକାରଙ୍କ ଦ୍ୱାରା ଇଥାନଲ୍ ମିଶ୍ରଣ ଲକ୍ଷ ୨୦ପ୍ରତିଶତରୁ ୨୫ ପ୍ରତିଶତକୁ ବୃଦ୍ଧି କରିବା ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ସରକାରଙ୍କ ପରବର୍ତ୍ତୀ ପଦେକ୍ଷପ କମିଟିର ରିପୋର୍ଟ ଏବଂ ଏହାର ସୁପାରିସ ଉପରେ ନିର୍ଭର କରେ।


**GOVERNMENT OF ODISHA** 34001/805/2627
**OFFICE OF THE SUPERINTENDING ENGINEER**
**PHULBANI (R&B) DIVISION, PHULBANI**
**AT/PO./PS- PHULBANI, PIN-762001**
E-MAIL: - eeplbrb@gmail.com, Tel-06842-2532102
**INVITATION FOR BID (IFB)/ NOTICE INVITING TENDER (NIT)**
**e-Procurement Tender Call Notice**
**Bid Identification No.: - SE-R&B-PLB-09/2026-27, DATE: - 17.09.2026**
**************************************************************
Letter No. 5572 Date. 17.09.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV", "HT", or Above Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of ~~Civil and~~ Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Electrical Works" |
| 2. | No. of Tender | : | 01 (One) Numbers |
| 3. | Estimated Cost put to Tender. (T.S Amount) | : | Rs.6.25 Lakhs |
| 4. | E.M.D. | : | Rs.6,300/- |
| 5. | Period of completion | : | 10 (Ten) Days |
| 6. | Class of Contractor or Eligibility of the bidders | : | **"MV", "HT", or Above Class Contractors from ELBO.** |
| 7. | Tender Cost or Cost of participation in on line Bid | : | Rs. 4,000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 22.09.2026 at 10:00 AM to 02.10.2026 up to 05:00 PM |
| 9. | Clarification regarding bidding online | : | From 22.09.2026 at 10:00 AM to 02.10.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 03.10.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

**OIPR-34001/34066/1/26-27/0013**

Sd/- Superintending Engineer
Phulbani (R&B) Division, Phulbani

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୯ ସେପ୍ଟେମ୍ବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଓଆଇଆଇପିସିଆରଏ ଆନ୍ତଃବିଭାଗୀୟ କାର୍ଯ୍ୟାନ୍ୱୟନର ସମୀକ୍ଷା ବୈଠକ

# ଟ୍ୟାଙ୍କ ଉନ୍ନତି ସହ କୃଷି ଓ ମତ୍ସ୍ୟଚାଷକୁ ଯୋଡ଼ିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୮।୯
ନ୍ୟୁଜ୍‌ବ୍ୟୁରୋ

ଜଳସେଚନ ଭିତ୍ତିଭୂମିର ସୁଦୃଢ଼ୀକରଣ ସହ କୃଷି, ଉଦ୍ୟାନ କୃଷି ଓ ମତ୍ସ୍ୟଚାଷର ସମନ୍ୱିତ ବିକାଶ ନିମନ୍ତେ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ପାଇଁ ଜଳବାୟୁ ସହନଶୀଳ କୃଷି (ଓଆଇଆଇପିସିଆରଏ)ର ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର-ତଥା-ଶାସନ ସଚିବ ଗିରିଶ ଏସ୍. ଏନ୍ ଉପସ୍ଥିତ ଥିଲେ।

ଓଆଇପିସିଆରଏର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏଥିରେ ଜଳ ସମ୍ପଦ ବିଭାଗ ସହ କୃଷି ଓ କୃଷକ ସଶକ୍ତିକରଣ, ଉଦ୍ୟାନକୃଷି, ମତ୍ସ୍ୟଚାଷ, ଏପିକଲ୍ ଏବଂ ଜଳସେଚନ ଓ ଓଡ଼ିଶା କମ୍ୟୁନିଟି ଟ୍ୟାଙ୍କ ଡେଭଲପମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ସୋସାଇଟି ଭଳି ବିଭିନ୍ନ ଅଂଶୀଦାର ସଂସ୍ଥା ଏକାଠି କାର୍ଯ୍ୟ କରିଥାନ୍ତି।

ବୈଠକରେ ପ୍ରକଳ୍ପର ସାମଗ୍ରିକ ସ୍ଥିତି, ଆର୍ଥିକ ଉପାଦାନ ଓ ବିଭିନ୍ନ ବିଭାଗ ଅଧୀନରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜଳସେଚନ ସୁବିଧାକୁ କୃଷି ଉତ୍ପାଦନ ଓ ଜୀବିକା ସହ ଯୋଡ଼ିବା ପାଇଁ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଳସେଚିତ ଅଞ୍ଚଳରେ ଡାଲି ଉତ୍ପାଦନ ବୃଦ୍ଧି ପଦକ୍ଷେପର କାର୍ଯ୍ୟାନ୍ୱୟନ ନେଇ ମଧ୍ୟ ଆଲୋଚନା ହୋଇଥିଲା।

କ୍ଷୁଦ୍ର ଜଳସେଚନ ଓ ଓସିସିଏଲ୍ ଅଧୀନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଓ ଟ୍ୟାଙ୍କ ଉନ୍ନତିକରଣ ଓ ଟ୍ୟାଙ୍କଗୁଡ଼ିକର ଡିଜିଟାଲ ମ୍ୟାପିଂ କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯାଇଥିଲା। ଟ୍ୟାଙ୍କଗୁଡ଼ିକର ଉନ୍ନତିକରଣକୁ କେବଳ ଜଳ ସଂରକ୍ଷଣରେ ସୀମିତ ନରଖି, ଟ୍ୟାଙ୍କ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କୃଷି ଓ ମତ୍ସ୍ୟଚାଷକୁ ଏକାଠି ବିକଶିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଟ୍ୟାଙ୍କର ଜଳକୁ ଆଧାର କରି ମାଛ ଚାଷ ସହ ପାର୍ଶ୍ୱବର୍ତ୍ତୀ ଜମିରେ ଉପଯୋଗୀ ଫସଲ ଚାଷକୁ ପ୍ରୋତ୍ସାହନ ଦେଇ ଏକୀକୃତ ଜୀବିକା ମଡେଲ୍ ବିକଶିତ କରିବା ନେଇ ଆଲୋଚନା ହୋଇଥିଲା।

ଏଥିସହ ଜିସିଏଫ୍ ପ୍ରକଳ୍ପର ପରବର୍ତ୍ତୀ କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିଷୟ ମଧ୍ୟ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପର ନିରବଚ୍ଛିନ୍ନ କାର୍ଯ୍ୟାନ୍ୱୟନ ଓ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା।

ଏହି ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ, ମତ୍ସ୍ୟ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଓଆଇପିସିଆରଏ ପ୍ରକଳ୍ପ ନିର୍ଦ୍ଦେଶିକା ସବିତା ମଲ୍ଲିକ୍, ଇଞ୍ଜିନିୟର-ଇନ୍-ଚିଫ୍-କମ୍-ସ୍ୱତନ୍ତ୍ର ଶାସନ ସଚିବ ଇଂ ବିଘ୍ନରାଜ ପୁରୋହିତଙ୍କ ସମେତ ସମ୍ପୃକ୍ତ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ରାଜ୍ୟସଭା କ୍ରସ୍ ଭୋଟିଂ ମାମଲା

# ସେପ୍ଟେମ୍ବର ୨୯ରେ ପରବର୍ତ୍ତୀ ଶୁଣାଣି

କଟକ,୧୮।୯ :ନ୍ୟୁଜ୍‌ବ୍ୟୁରୋ



ରାଜ୍ୟସଭା ନିର୍ବାଚନରେ ବିଜୁ ଜନତା ଦଳର କିଛି ବିଧାୟକଙ୍କ ଦ୍ୱାରା ହୋଇଥିବା ଚର୍ଚ୍ଚିତ କ୍ରସ୍ ଭୋଟିଂ ଏବଂ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନେଇ ଓଡ଼ିଶା ରାଜନୀତିରେ ପୁଣି ଥରେ ଝଡ଼ ସୃଷ୍ଟି ହୋଇଛି। ବାଚସ୍ପତିଙ୍କ ଦ୍ୱାରା ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ଆବେଦନ ଖାରଜ ହେବା ପରେ ବିଜେଡି ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା, ଯାହାକୁ ନେଇ ଶୁକ୍ରବାର କୋର୍ଟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ହାଇ-ପ୍ରୋଫାଇଲ୍ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୟଂ ଆଡଭୋକେଟ୍ ଜେନେରାଲ କୋର୍ଟରେ ହାଜର ହୋଇ ସରକାରୀ ଓ ଆଇନଗତ ସ୍ଥିତି ସ୍ପଷ୍ଟ କରିଛନ୍ତି। ବିଜେଡି ଏବଂ ବିଧାୟକଙ୍କ ମଧ୍ୟରେ ଚାଲିଥିବା ଏହି ଆଇନଗତ ଓ ରାଜନୈତିକ ଲଢ଼ଇରେ କୋର୍ଟ ଏହାର ଗମ୍ଭୀରତାକୁ ବିଚାରକୁ ନେଇ ଯଥାଶୀଘ୍ର ସଠିକ୍ ପ୍ରତିଜବାବ ଦାଖଲ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଦଳୀୟ ରାଜନୀତିକୁ ସରଗରମ କରିଥିବା ଏହି କ୍ରସ୍ ଭୋଟିଂ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୯ ତାରିଖରେ ଧାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ଏହି ମାମଲାର ଆଇନଗତ ରାୟ କାହାର ପକ୍ଷରେ ଯାଉଛି, ତାହା ଉଭୟ ଶାସକ ଏବଂ ବିରୋଧୀ ଦଳ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଅଟେ।

# ଖୋର୍ଦ୍ଧାରେ କିଟ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ ମହିଳାଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୮।୯
ନ୍ୟୁଜ୍‌ବ୍ୟୁରୋ

କିଟ୍ ଲ' ସ୍କୁଲ୍‌ର ଆଇନ ସେବା କ୍ଲିନିକ୍ ପକ୍ଷରୁ ମହିଳାଙ୍କ ମଧ୍ୟରେ ଆଇନ ସାକ୍ଷରତା ଓ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଖୋର୍ଦ୍ଧା ଜିଲ୍ଲା ନାଳିପଡ଼ା-ଅର୍ଜୁନପୁର ପଞ୍ଚାୟତରେ ଇତି ମଧ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।

ଶିବିରରେ ସ୍ଥାନୀୟ ପଞ୍ଚାୟତ ସମେତ ଆଖପାଖ ଗ୍ରାମର ବହୁ ମହିଳା ଯୋଗ ଦେଇଥିଲେ। ଏଥିରେ ମହିଳାଙ୍କ ସାମ୍ବିଧାନିକ ଓ ଆଇନଗତ ଅଧିକାର, ହିଂସା ଓ ଉତ୍ପୀଡ଼ନରୁ ସୁରକ୍ଷା, ଆଇନଗତ ସୁରକ୍ଷା ବ୍ୟବସ୍ଥା ଏବଂ ନ୍ୟାୟ ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ମହିଳାମାନେ ବିଭିନ୍ନ ଆଇନଗତ ଓ ସାମାଜିକ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିବା ସହ ଆବଶ୍ୟକ ସୂଚନା ଜାଣିବାକୁ ପାଇଥିଲେ।

କିଟ୍ ଆଇନ ସେବା କ୍ଲିନିକ୍‌ର ଛାତ୍ର ସ୍ୱେଚ୍ଛାସେବୀମାନେ ଶିବିରରେ ସକ୍ରିୟ ଭାବେ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସହ ଆଇନଗତ ସମସ୍ୟା ନେଇ ଆଲୋଚନା କରିଥିଲେ। ଆବଶ୍ୟକ ସମୟରେ ଆଇନଗତ ସହାୟତା ପାଇବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ମଧ୍ୟ ସେମାନେ ଲୋକଙ୍କୁ ଅବଗତ କରାଇଥିଲେ।

ଏହି ଶିବିର ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ର, ଆଇନ ସେବା କ୍ଲିନିକ୍‌ର ଫ୍ୟାକଲ୍ଟି ସଂଯୋଜକ ଶଶାଙ୍କ ନନ୍ଦେ ଓ ଡ. ପ୍ରଜ୍ଞା ପାରମିତା ରାୟ ଏବଂ କିଟ୍ ଲ' ସ୍କୁଲ୍‌ର ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଅମ୍ରିତା ବଳଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାଳିପଡ଼ା-ଅର୍ଜୁନପୁର ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତି ଉପସ୍ଥିତ ରହି ଏହି ଉଦ୍ୟମକୁ ମୂଲ୍ୟବାନ ସମର୍ଥନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରେ ନ୍ୟାୟ ପାଇବାର ସୁଯୋଗ, ଆଇନ ସଚେତନତା ଓ ସାମାଜିକ ସଶକ୍ତୀକରଣକୁ ପ୍ରୋତ୍ସାହନ ଦେବା ଦିଗରେ କିଟ୍ ଲ' ସ୍କୁଲ୍‌ର ନିରନ୍ତର ପ୍ରୟାସ ଜାରି ରହିଛି। ଏଭଳି କାର୍ଯ୍ୟକ୍ରମ ଜରିଆରେ କିଟ୍ ଲ ସ୍କୁଲ ଛାତ୍ରଛାତ୍ରୀମାନେ କ୍ଲିନିକାଲ୍ ଆଇନ ଶିକ୍ଷା ଓ ସମୁଦାୟଭିତ୍ତିକ ଆଇନ ସେବା ସମ୍ପର୍କରେ ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇଥାନ୍ତି।

## ରାଜଧାନୀରେ ପୁଣି ସିରିଜ୍ ଦୁର୍ଘଟଣା

# ଯାତ୍ରୀବାହୀ ବସ୍ ଧକ୍କାରେ ୩ଟି କାର୍ ଭାଙ୍ଗି ଚୁରମାର୍




ଭୁବନେଶ୍ୱର,୧୮।୯ :ନ୍ୟୁଜ୍‌ବ୍ୟୁରୋ

ରାଜଧାନୀରେ ବେପରୁଆ ଗାଡ଼ି ଚାଳନା ପାଇଁ ସିରିଜ୍ ଦୁର୍ଘଟଣା ଘଟି ତିନୋଟି କାର୍ ଚୁରମାର୍ ହୋଇ ଯାଇଛି। ସୌଭାଗ୍ୟବଶତଃ ନିଶ୍ଚିତ ଅଘଟଣରୁ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇଯାଇଛି। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ଜନବହୁଳ ପଳାଶୁଣୀ ଫ୍ଲାଏଓଭର ବ୍ରିଜ୍ ନିକଟରେ ମହାଲକ୍ଷ୍ମୀ/ମନିସା/ ତପସ୍ୱିନୀ ନାମକ ଏକ ଦ୍ରୁତଗାମୀ ଯାତ୍ରୀବାହୀ ଘରୋଇ ବସ୍ (ଓଡି ୦୨ ୱାଇ ୨୫୯୧) ପଛପଟୁ ଧକ୍କା ଦେବା ଫଳରେ ନେକ୍ସନ୍ କାର୍ (ଓଡି ୩୩ ଏଜେଡ୍ ୦୦୨୬), ଇଟିଗା କାର୍ (ଓଡି ୦୨ ସିଡି ୯୧୯୧) ଏବଂ ଫର୍ଡଫିଗୋ କାର୍ (ୟୁପି ୧୬ ଏଏଫ ୭୧୪୯) ଗୁରୁତର ଭାବେ ଭାଙ୍ଗିରୁଜି ଯାଇଛି। ବସ୍ ଡ୍ରାଇଭର ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯିବାକୁ ଉଦ୍ୟମ କରିଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା ଅନ୍ୟ ଜଣେ କାର୍ ଚାଳକ ବିଶ୍ୱରଞ୍ଜନ ସାହୁ (ଲିପନ୍) ବସ୍‌ଟିକୁ ଗୋଡ଼ାଇ ଗୋଡ଼ାଇ ରସୁଲଗଡ଼ ଓଭରବ୍ରିଜ୍ ତଳେ ଅଟକାଇଥିଲେ। ପିସିଆର ଭ୍ୟାନ୍ ସେଠାରେ ପହଞ୍ଚିବା ପରେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ମଞ୍ଚେଶ୍ୱର ଥାନାକୁ ନିଆଯାଇଥିଲା। ବସ୍ ଧକ୍କାରେ କ୍ଷତିଗ୍ରସ୍ତ ହୋଇଥିବା ୩ ଜଣ କାର୍ ଚାଳକ ମଧ୍ୟ ମଞ୍ଚେଶ୍ୱର ଥାନାରେ ପହଞ୍ଚିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବସ୍ ଧକ୍କାରେ ସବୁଠାରୁ ଗୁରୁତର ଭାବେ ଭାଙ୍ଗିରୁଜି ଯାଇଥିବା ନୂଆ ନେକ୍ସନ୍ ଗାଡ଼ିର ଚାଳକ ଡାକ୍ତର ଅୟନ ବୋଷ ଫୁଲନଖରା ସ୍ଥିତ ସମ୍ ହସ୍ପିଟାଲରୁ ଡ୍ୟୁଟି ସାରି ଭୁବନେଶ୍ୱର ଉତ୍କଳ ହସ୍ପିଟାଲକୁ ଜାତୀୟ ରାଜପଥରେ ଫେରୁଥିବା ବେଳେ ପଳାଶୁଣୀ ଫ୍ଲାଏ ଓଭର ନିକଟରେ ଟ୍ରାଫିକ୍ ଜାମ୍‌ରେ ଅଟକି ଥିଲେ। ଏହି ସମୟରେ ତାଙ୍କ କାର୍‌କୁ ପଛପଟୁ ଦ୍ରୁତଗତିରେ ଆସୁଥିବା ଯାତ୍ରୀବାହୀ ବସ୍‌ର ଡ୍ରାଇଭର ଦୀନେଶ ସାହୁ ଧକ୍କା ଲଗାଇଥିଲେ। ଫଳରେ ଭାରସାମ୍ୟ ହରାଇ ଶ୍ରୀ ବୋଷଙ୍କ କାର୍ ଆଗରେ ଥିବା ଇଟିଗା କାର୍ ସହ ଧକ୍କା ହୋଇଥିଲା ଏବଂ ଇଟିଗା କାର୍ ଆଗରେ ଥିବା ଆଉ ଏକ ଫର୍ଡଫିଗୋ କାର୍ ସହ ଧକ୍କା ଖାଇଥିଲା। ଯାତ୍ରୀବାହୀ ବସ୍ ଧକ୍କାରେ ଏହିଭଳି ୩ଟି କାର୍ ସିରିଜ୍ ଦୁର୍ଘଟଣାର ସମ୍ମୁଖୀନ ହେବା ସହ କ୍ଷତିଗ୍ରସ୍ତ ହୋଇଥିଲା। ଏ ସଂକ୍ରାନ୍ତରେ ଡାକ୍ତର ଶ୍ରୀ ବୋଷ୍ ମଞ୍ଚେଶ୍ୱର ଥାନାରେ ଏତଲା ଦରଜ କରିବା ପରେ ପୋଲିସ ପକ୍ଷରୁ ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି। ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଇଥିବା ଯାତ୍ରୀବାହୀ ବସ୍ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଡାକ୍ତର ଶ୍ରୀ ବୋଷ୍ ତାଙ୍କ ଏତଲାରେ ଅନୁରୋଧ ଜଣାଇଛନ୍ତି। ମଞ୍ଚେଶ୍ୱର ଥାନା ଅତିରିକ୍ତ ଆଇଆଇସି ନିରଞ୍ଜନ ଓଝାଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଏସ.କେ. ସୋରେନ୍ ଏହି ଘଟଣାର ଅନୁସନ୍ଧାନ କରୁଛନ୍ତି।

# କେନ୍ଦୁଘାଟରେ ଝାଡ଼ାବାନ୍ତି ଆତଙ୍କ : ଜଣେ ମୃତ, ୧୬ ଆକ୍ରାନ୍ତ

ଉମରକୋଟ,୧୮।୯
ନ୍ୟୁଜ୍‌ବ୍ୟୁରୋ

ଉମରକୋଟ ବ୍ଲକ୍ ଅନ୍ତର୍ଗତ ତୋହରା ପଞ୍ଚାୟତର କେନ୍ଦୁଘାଟ ଗ୍ରାମରେ ଜ୍ୱର ଓ ଝାଡ଼ାବାନ୍ତି ବ୍ୟାପିବା ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜଣେ ୮ ବର୍ଷର ବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୬ ଜଣ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମୃତ ନାବାଳକ ଜଣକ କେନ୍ଦୁଘାଟ ଗଉଡପଡ଼ାର ଟଙ୍କଧର ଗଉଡ଼ଙ୍କ ପୁଅ ଉଦୟନାଥ ଗଉଡ଼ (୮) ବୋଲି ଜଣାଯାଇଛି। ଉଦୟନାଥ ଝରିଗାଁ ବ୍ଲକ୍‌ର କଲେଗାଁରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ନୂଆଖାଇ ଛୁଟି ଅବସରରେ ସେ ଘରକୁ ଆସିଥିବାବେଳେ ହଠାତ୍ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ପକ୍ଷରେ ଗ୍ରାମରେ ଏକାଧିକ ଲୋକ ଜ୍ୱର ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ଅସୁସ୍ଥମାନଙ୍କୁ ପୁଝାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଘଟଣାର ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଭ୍ରାମ୍ୟମାଣ ମେଡିକାଲ ଟିମ୍ କେନ୍ଦୁଘାଟରେ ପହଞ୍ଚି ଅସୁସ୍ଥଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଆରମ୍ଭ କରିଛି। ଗ୍ରାମରେ ରୋଗ ବ୍ୟାପିବାର ପ୍ରକୃତ କାରଣ ଜଣାପଡ଼ିନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ରୋଗର କାରଣ ଚିହ୍ନଟ ସହ ଆବଶ୍ୟକ ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥାକୁ ଜୋରଦାର କରିବାକୁ ଦାବି ହୋଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୧୮/୦୯/୨୦୨୬
୪,୮୯,୪୩୯/- ଟଙ୍କା
ସୁନା:- ଶୂନ୍ୟ
ରୂପା:-୬୨ ଗ୍ରାମ୍ ୩୦୦ମିଲିଗ୍ରାମ

# ୩୯ ଗ୍ରାମ୍ ହେରୋଇନ ଜବତ : ଜଣେ ଗିରଫ

ଜଗତସିଂହପୁର,୧୮।୯ :ନ୍ୟୁଜ୍‌ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍ ପକ୍ଷରୁ ଜଗତସିଂହପୁର ଥାନା ଅଧୀନ ସୋମନାଥ ହାଟ ମାଛ ବଜାର ନିକଟରେ ଚଢ଼ଉ କରି ୩୯ ଗ୍ରାମ୍ ହିରୋଇନ୍, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରିଛି। ଏଥିରେ ଗୋପାଳ ସାଗରର ୪୪ ବର୍ଷ ବୟସର ବାବାଜୀ ଚରଣ ଦାସ ଗିରଫ ହୋଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଜବତ ୩୯ ଗ୍ରାମ୍ ହେରୋଇନର ଆନୁମାନିକ ବଜାର ମୂଲ୍ୟ ୩ ଲକ୍ଷ ୯୦ ହଜାର ଟଙ୍କା ହେବ।

# ଚୌଦ୍ୱାର ଜେଲ୍ ମିନିଟ୍ ବୁକ୍ ହେରଫେର ମାମଲା : ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ

କଟକ,୧୮।୯ :ନ୍ୟୁଜ୍‌ବ୍ୟୁରୋ




ଚର୍ଚ୍ଚିତ କଟକ ଚୌଦ୍ୱାର ଜେଲ୍ ମିନିଟ୍ ବୁକ୍ ହେରଫେର ଏବଂ କଏଦୀ ଫେରାର ଘଟଣାକୁ ନେଇ ରାଜ୍ୟ ତଥା ରାଜଧାନୀରେ ଆଇନଗତ ତଥା ରାଜନୈତିକ ସ୍ତରରେ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ମାମଲାରେ ପଡ଼ିଥିବା ଆଇନଗତ ଜଟିଳତା ମଧ୍ୟରେ ଜେଲ୍ ସୁପରିଟେଣ୍ଡେଣ୍ଟ ସୁଜିତ କୁମାର ରାଉଳଙ୍କ ଆଗୁଆ ଜାମିନ ଆବେଦନକୁ ନେଇ ବର୍ତ୍ତମାନ ସୁପ୍ରିମକୋର୍ଟରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଚାଲିଛି। ଶୁକ୍ରବାର ଏହି ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ତେବେ ସତ୍ୟପାଠ ଦାଖଲ ଅବସରରେ ମାମଲାର ଅଧିକ ତଥ୍ୟ, କାଗଜପତ୍ର ଏବଂ ଦୃଢ଼ ପ୍ରମାଣଗୁଡ଼ିକୁ କୋର୍ଟରେ ଠିକ୍ ଭାବେ ଉପସ୍ଥାପନ କରିବା ପାଇଁ ସୁଜିତ ରାଉଳଙ୍କ ଓକିଲ କୋର୍ଟଙ୍କ ନିକଟରେ ଅତିରିକ୍ତ ସମୟ ମାଗିଛନ୍ତି। ଉଭୟ ପକ୍ଷର ଓକିଲଙ୍କ ଆବେଦନକୁ ଗ୍ରହଣ କରି ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ସପ୍ତାହକୁ ଦିନ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟରେ ସୁଜିତ ରାଉଳଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହୋଇଯିବା ପରେ ସେ ବାଧ୍ୟ ହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜେଲ୍ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏଭଳି ମିନିଟ୍ ବୁକ୍ ହେରଫେର ଏବଂ କଏଦୀ ଫେରାର ଭଳି ଘଟଣାରେ ପରବର୍ତ୍ତୀ ସମୟରେ କୋର୍ଟ କେଉଁ ଭଳି କଡ଼ା ପଦକ୍ଷେପ କିମ୍ବା ନିଷ୍ପତ୍ତି ନେଉଛନ୍ତି ସେଆଡ଼କୁ ଏବେ ସମସ୍ତଙ୍କର ନଜର ରହିଛି।




## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବୁଦା ମୂଳରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ସୁବର୍ଣ୍ଣପୁର,୧୮।୯
ନ୍ୟୁଜ୍‌ବ୍ୟୁରୋ



ମାନବିକତାକୁ ଲଜ୍ଜିତ କଲାଭଳି ଏକ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ କୌଡ଼ିଆମୁଣ୍ଡା ଅଞ୍ଚଳରେ। ଏକ ବୁଦା ମୂଳରୁ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି। ଶିଶୁଟିର କାନ୍ଦ ଶୁଣି ଜଣେ ଚାଷୀ ତାକୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ କୌଡ଼ିଆମୁଣ୍ଡା ଗ୍ରାମର ରବି ନାରାୟଣ ସାହୁ ସକାଳୁ ନିଜ ବିଲକୁ ଯାଇଥିଲେ। ଦିନ ପ୍ରାୟ ୧୧ଟା ସମୟରେ ଘରକୁ ଫେରିବା ବେଳେ ବିଶ୍ୱକର୍ମା ପୂଜାଥିବାରୁ ତାଙ୍କ ମଟର ସାଇକେଲକୁ ଧୋଇବା ପାଇଁ କେନାଲ ନିକଟରେ ଅଟକିଥିଲେ। ହଠାତ ତାଙ୍କୁ ଏକ ନବଜାତ ଶିଶୁର କ୍ରନ୍ଦନ ଶବ୍ଦ ଶୁଣାଗଲା। ସେ ଏଣେତେଣେ ଖୋଜିବା ପରେ ନିକଟରେ ଥିବା ବୁଦା ମୂଳରୁ ଏକ କପଡ଼ାରେ ଗୁଡ଼ା ହୋଇଥିବା ନବଜାତ ଶିଶୁକନ୍ୟା ପିମ୍ପୁଡ଼ି ଲାଗି ଆସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ଜଣେ ବାଟୋଇଙ୍କୁ ଅଟକାଇ ଶିଶୁକନ୍ୟାକୁ ଦେଖିବା ପାଇଁ କହି ଶ୍ରୀ ସାହୁ ତାଙ୍କ ପତ୍ନୀ ଗୀତାଞ୍ଜଳି ସାହୁଙ୍କୁ ସମସ୍ତ ଘଟଣା ସମ୍ପର୍କରେ କହି ଡାକି ଆଣି ଉଭୟେ ମିଶି ଶିଶୁ କନ୍ୟାଟିକୁ ଉଦ୍ଧାର କରି ନିଜ ଘରକୁ ଆଣିଥିଲେ ଏବଂ ତାଙ୍କ ପୁଅ ସୁମିତ କୁମାର ସାହୁ ସହିତ ମିଶି ଶିଶୁକନ୍ୟାର ଚିକିତ୍ସା ପାଇଁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଶିଶୁ ବିଭାଗ ଡାକ୍ତର ସତ୍ୟନାରାୟଣ ପାଣିଗ୍ରାହୀ ନବଜାତ ଶିଶୁର ଚିକିତ୍ସା କରିଥିବା ବେଳେ ଶିଶୁଟି ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚିବା ପରେ ଶିଶୁ ମଙ୍ଗଳ ସମିତିକୁ ଖବର ଦେଇଥିଲେ। ପରେ ଶିଶୁକନ୍ୟାଟିକୁ ସୋନପୁର ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଛି। ତେବେ କିଏ ଏବଂ କାହିଁକି ଏଭଳି ଅମାନବୀୟ କାର୍ଯ୍ୟକଲା ଓ କେଉଁ ପରିସ୍ଥିତିରେ ଶିଶୁକନ୍ୟାକୁ ଜନ୍ମ ଦେଇ ଫିଙ୍ଗି ଦେଇଛି ତାହା ସ୍ପଷ୍ଟ ହୋଇ ପାରିନାହିଁ। ଶିଶୁକୁ ଫିଙ୍ଗି ଦେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଥିବା ବେଳେ ନବଜାତ ଶିଶୁ କନ୍ୟାକୁ ତାଙ୍କୁ ହସ୍ତାନ୍ତର କରାଯାଉ ବୋଲି ଶ୍ରୀ ସାହୁ ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଛନ୍ତି। ଶିଶୁ କନ୍ୟାକୁ ଉଦ୍ଧାର କରିଥିବା ନାରାୟଣ ଓ ତାଙ୍କ ପରିବାରଙ୍କୁ ଜନସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ଭସାଣିରେ ଅଘଟଣ ରୋକିବାକୁ କଡ଼ା ସୁରକ୍ଷା : ସମୀକ୍ଷା କଲେ କେଏମ୍‌ସି ମେୟର ଓ କମିଶନର

କଟକ,୧୮।୯
ନ୍ୟୁଜ୍‌ବ୍ୟୁରୋ

କଟକରେ ପାର୍ବଣ ଭସାଣିକୁ ସୁରୁଖୁରୁରେ ଶେଷ କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଭସାଣି ସମୟରେ କୌଣସି ଅଘଟଣ ନଘଟିବ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ଏନେଇ କଟକ ମେୟର ସୁବାସ ସିଂହ ଓ କମିଶନର କିରଣଦୀପ କୌର ସୋହତା ଭସାଣି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କଟକର ଦେବୀଗଡ଼ା ଭସାଣିର ପ୍ରମୁଖ କେନ୍ଦ୍ର ହୋଇଥିବାରୁ ମେୟର, କମିଶନରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଦେବୀଗଡ଼ା ଯାଇ ସ୍ଥିତି ପରଖିଛନ୍ତି। ଭସାଣି ସମୟରେ ଭିଡ଼ ନିୟନ୍ତ୍ରଣ ଓ ଲୋକଙ୍କ ସୁରକ୍ଷା ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ଚଳିତ ବର୍ଷ କଟକ ସହରରେ ଅଧିକ ସଂଖ୍ୟକ ଗଣେଶ ମେଢ଼ ହୋଇଥିବାରୁ ଭସାଣି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କେଏମ୍‌ସି ପକ୍ଷରୁ ଏଥର ସର୍ବାଧିକ ୧୩ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି। ଅଘଟଣକୁ ଏଡ଼ାଇବା ପାଇଁ ଏନ୍‌ଡିଆରଏଫ୍ ଓ ଫାୟାର ଟିମ୍‌କୁ ମୁତୟନ କରାଯିବ। ଭସାଣି ପୂର୍ବରୁ ଦେବୀଗଡ଼ାରେ ଆଲୋକୀକରଣ, ରାସ୍ତା ଓ ଟେଣ୍ଟ ଭଳି ଆବଶ୍ୟକ ବ୍ୟବସ୍ଥା ସାରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ପୂଜା ମଣ୍ଡପଗୁଡ଼ିକ ମନଇଚ୍ଛା ଭସାଣି ନକରି ପୂର୍ବରୁ ପୁଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଭସାଣି ସମୟରେ ସତର୍କତା ଅବଲମ୍ବନ ସହ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣ କରିବାକୁ ପୂଜା ମଣ୍ଡପଗୁଡ଼ିକୁ କୁହାଯାଇଛି। ପୂଜା, ପାର୍ବଣ ଓ ଭସାଣି କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ ଶେଷ ହେବ, ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି।




## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com